
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୫ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 05 October 2025

Vol.No. 36 ■ No.261 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ବିହାର ପାଇଁ ମୋଦୀଙ୍କ ବଡ଼ ଘୋଷଣା

### କର୍ମନିଯୁକ୍ତି ପାଇ ନଥିବା ଯୁବକଙ୍କୁ ମିଳିବ ମାସକୁ ୧ ହଜାର ଟଙ୍କା



ନୂଆଦିଲ୍ଲୀ,୦୪/୧୦ : ବିହାର ଯୁବକ ଓ ଛାତ୍ରମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଡ଼ ଘୋଷଣା। କର୍ମନିଯୁକ୍ତି ପାଇ ନଥିବା ଯୁବକ ଏଣିକି ମାସକୁ ୧ ହଜାର ଟଙ୍କା ପାଇବେ । ନୂଆ ଛାତ୍ର କ୍ରେଡିଟ୍ କାର୍ଡ ଯୋଜନା ମଧ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପ୍ରଧାନମନ୍ତ୍ରୀ ଏହି ଦୁଇ ଯୋଜନାର ଶୁଭାରମ୍ଭ କରିଛନ୍ତି । ବିହାରର ସ୍ନାତକ ପାସ୍ କରି ବେକାର ଥିବା ୫ ଲକ୍ଷ ଯୁବକ ଏହାଦ୍ୱାରା ଉପକୃତ ହେବେ। ସେମାନଙ୍କୁ ମାଗଣା କୌଶଳ ତାଲିମ ମଧ ଦିଆଯିବ। ସେହିପରି ଆଜି ନୂଆ ଛାତ୍ର କ୍ରେଡିଟ୍ କାର୍ଡ ଯୋଜନା ମଧ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏହାଦ୍ୱାରା ବିହାରର ସ୍ନାତକ ଛାତ୍ରମାନେ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁଧମୁକ୍ତ ଋଣ ପାଇବେ । ଏହି ଶିକ୍ଷା ଋଣ ବିହାରର ଉଚ୍ଚଶିକ୍ଷା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ। ଏହି ଯୋଜନାରେ ୩ ଲକ୍ଷ ୯୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ପୂର୍ବରୁ ଉପକୃତ ହୋଇସାରିଛନ୍ତି । ମୋଟ ୭ ହଜାର ୮୮୦ କୋଟିରୁ ଅଧିକ ଟଙ୍କା ଋଣ ଦିଆଯାଇଛି । ଆସନ୍ତା ମାସରେ ବିହାର ବିଧାନସଭା ନିର୍ବାଚନ ଅଛି।

## ଦିଲ୍ଲୀରେ ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ: ନୂଆପଡା ଉପ-ନିର୍ବାଚନକୁ ନେଇ ଆଲୋଚନା ଚର୍ଚ୍ଚା



ନୂଆଦିଲ୍ଲୀ,୦୪/୧୦ : ନୂଆପଡା ଉପ-ନିର୍ବାଚନକୁ ନେଇ ନୂଆ ରଣନୀତି କରୁଛି ଶାସକ ବିଜେପି । ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ମୈଦାନକୁ ଓହ୍ଲାଇବାକୁ ଚାହୁଁଛି ଦଳ । ଏଥିପାଇଁ ଦିଲ୍ଲୀରୁ କସରତ ଆରମ୍ଭ ହୋଇଥିବା ବେଳେ ବଡ ଭେଟି ଦେବାକୁ ୬ ତାରିଖରେ ନୂଆପଡା ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ନୂଆପଡା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ଥିବାବେଳେ, ଦିଲ୍ଲୀ ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡାଙ୍କୁ ଭେଟିଛନ୍ତି । ସୌଜନ୍ୟମୂଳକ ସାକ୍ଷାତରେ ସାଙ୍ଗଠନିକ ବ୍ୟବସ୍ଥା ଓ ରାଜନୈତିକ ସ୍ଥିତିକୁ ନେଇ ରୁଦ୍ଧଦ୍ୱାର ଆଲୋଚନା ହୋଇଛି । ସାଙ୍ଗଠନିକ ଆଲୋଚନା ଭିତରେ ନୂଆପଡା ଉପ-ନିର୍ବାଚନକୁ ନେଇ ମାନସମନ୍ଥନ ହୋଇଥିବା ଚର୍ଚ୍ଚା ହେଉଛି । ପ୍ରାର୍ଥୀ କିଏ ହେବ ? ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା ନା ଯଦୁମଣି ପାଣିଗ୍ରାହୀ ? କାହାକୁ ଭରସିବ ଦଳ ? କାହାକୁ ପ୍ରାର୍ଥୀ କଲେ ଦଳର ବିଜୟ ସମ୍ଭାବନା ଅଧିକ ? ଏନେଇ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ତୁହାକୁ ତୁହା ଆଲୋଚନା କରୁଛନ୍ତି ରାଜ୍ୟ ନେତୃତ୍ୱ । ଗତ ୨୧ ତାରିଖରେ ଦିବଙ୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ▶▶ପୃଷ୍ଠା ୭

## ପରୀକ୍ଷା କେଳେଙ୍କାରୀ, ବଢୁଛି ଗିରଫଦାରୀ: ବନ୍ଧା ହେଲା ଶଙ୍କର ପୃଷ୍ଟିର ଡାହାଣ ହାତ ବିଶ୍ୱରଞ୍ଜନ



ଭୁବନେଶ୍ୱର, ୦୪/୧୦ (ନି.ପ୍ର): ଆଶାୟୀ ପରୀକ୍ଷାର୍ଥୀଙ୍କ ସହ ଯୋଗାଯୋଗ କରି ପ୍ରଶ୍ନପତ୍ର ଯୋଗାଇବା ଲୋଭ ଦେଖାଇ ବିଶ୍ୱରଞ୍ଜନ ଯୋଗାଡ଼ କରୁଥିଲା ଅରିଜିନାଲ ସାର୍ଟିଫିକେଟ୍ ଓ ବ୍ଲାଙ୍କଚେକ୍ । ପରେ ଏସବୁକୁ ସିଣ୍ଡିକେଟ୍ ମୁଖ୍ୟଙ୍କୁ ପଠାଉଥିଲା । ୧୪ ଘଣ୍ଟାର ମାରାଥନ ଜେରା ପରେ ବିଶ୍ୱରଞ୍ଜନଙ୍କୁ ଗିରଫ କରି କ୍ରାଇମ୍‌ବ୍ରାଞ୍ଚ କୋର୍ଟ ଚାଲାଣ କରାଯାଇଛି । କିନ୍ତୁ ମୁଖ୍ୟ ଅଭିଯୁକ୍ତ ପାଖରେ ପହଞ୍ଚିବା ଚ୍ୟାଲେଞ୍ଜ ହୋଇଛି । ଏହାରି ଭିତରେ ପରୀକ୍ଷା କେଳେଙ୍କାରୀ ଘଟଣାରେ ଓପିଆରବିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି । ଏପଟେ ପ୍ରଶ୍ନପତ୍ର କେଳେଙ୍କାରୀକୁ ନେଇ ରାଜନୀତି ତେଜିବାରେ ଲାଗିଛି । ▶▶ପୃଷ୍ଠା ୭

## ବିପର୍ଯ୍ୟୟ ଭବନ କରିବେ ସରକାର

ଭୁବନେଶ୍ୱର, ୦୪/୧୦ (ନି.ପ୍ର): ପ୍ରାକୃତିକ ବିର୍ଯ୍ୟୟ ମୁକାବିଲା ।ଇଁ ସରକାରଙ୍କ ବଡ଼ ଯୋଜନା । ବିର୍ଯ୍ୟୟ ଭବନ କରିବେ ସରକାର । ଭୁବନେଶ୍ୱରରେ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲିବେ ସରକାର ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିର୍ଯ୍ୟୟ ରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଗୋଟିଏ ବିଲ୍ଡିଂରେ ରହିବ ଏସଆରସି, ଅଗ୍ନିଶମ, ପାଣିପାଗ, ଓଡ୍ରାଫ, ଏନଡିଆରଏଫ, ଜଙ୍ଗଲ ବିଭାଗର କାର୍ଯ୍ୟାଳୟ । ସବୁ କାର୍ଯ୍ୟାଳୟ ଗୋଟିଏ ବିଲ୍ଡିଂରେ ରହିବ । ଏଥିପାଇଁ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ମଲ୍ଟି ଷ୍ଟରେଡ ଏବଂ ଭୂତଳ ବିଲ୍ଡିଙ୍ଗ ନିର୍ମାଣ ହେବ । ସଚିବାଳୟ ନିକଟରେ ଜମି ଚିହ୍ନଟ କରାଯାଇଛି । ବିଲ୍ଡିଂରେ ଅତ୍ୟାଧୁନିକ କାରିଗରୀ କୌଶଳର ବ୍ୟବସ୍ଥା କରାଯିବ । କାର୍ଯ୍ୟାଳୟ ନିର୍ମାଣ ପାଇଁ ଲାଗିବ ୨ ବର୍ଷ ସମୟ । ▶▶ପୃଷ୍ଠା ୭

## ମଧ୍ୟପ୍ରଦେଶରେ ୯ ଶିଶୁଙ୍କ ମୃତ୍ୟୁର କାରଣ ସାଜିଲା କୋଲଡ୍ରିଫ୍ କଫ୍ ସିରପ୍: ବିକ୍ରୟ ଉପରେ ଲାଗିଲା ପ୍ରତିବନ୍ଧକ

ନୂଆଦିଲ୍ଲୀ,୦୪/୧୦ : ରୋଗକୁ ଦୂର କରିଥିବା କଫ୍ ସିରପ ସାଜିଲା ଶିଶୁ ମାନଙ୍କ ମୃତ୍ୟୁର କାରଣ । ମଧ୍ୟପ୍ରଦେଶର ଛିନ୍ଦଓ୍ୱାଡା ଜିଲ୍ଲାରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା । ପରାସିୟା ବ୍ଲକରେ ୯ ଜଣ ଶିଶୁଙ୍କ ମୃତ୍ୟୁ ପରେ, ମଧ୍ୟପ୍ରଦେଶରେ କୋଲଡ୍ରିଫ୍ କଫ୍ ସିରପ୍ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ନିଜେ ସୋସିଆଲ ମିଡିଆରେ ଏକ ବିବୃତି ଜାରି କରି ଏ ବିଷୟରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଡକ୍ଟର ଯାଦବ ଶନିବାର ସୋସିଆଲ ମିଡିଆରେ କହିଛନ୍ତି ଯେ, ▶▶ପୃଷ୍ଠା ୭

## ବଙ୍ଗୋପସାଗରରେ ପୁଣି ଲଘୁଚାପ ସୃଷ୍ଟି ଆଶଙ୍କା : ପାଣିପାଗ ବିଭାଗର ପୂର୍ବାନୁମାନ ଅକ୍ଟୋବର ୯ରେ ସୃଷ୍ଟି ହେବ ଘୂର୍ଣ୍ଣିବଳୟ



ଭୁବନେଶ୍ୱର, ୦୪/୧୦ (ନି.ପ୍ର): ସରିନି ବର୍ଷା ବିପ୍ରାତ । ଗଭୀର ଅବପାତ ଦାଉ ସାଧିବା ପରେ ପୁଣି ଆସୁଛି ଆଉ ଏକ ଲଘୁଚାପ । ବଙ୍ଗୋପସାଗରରେ ପୁଣି ଲଘୁଚାପ ସୃଷ୍ଟି ହେବା ଆଶଙ୍କା । ଅକ୍ଟୋବର ୯ ବେଳକୁ ଉତ୍ତର ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏନେଇ ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ଏବେ ସୁଦ୍ଧା ମୌସୁମୀ ଅଗ୍ରସର ଠାରୁ ଆରମ୍ଭ କରି ୧୬ଟି ଲଘୁଚାପ ଓଡ଼ିଶାକୁ ପ୍ରଭାବିତ କରିଥିବା ସୂଚନା ମିଳିଛି । ସେପଟେ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ଗଭୀର ଅବପାତ କ୍ରମଶଃ ଦୁର୍ବଳ ହୋଇ ଅବପାତକୁ ବଦଳିଛି । ଅବପାତ ଜନିତ ଲଗାଣ ବର୍ଷାରେ ଗଜପତି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର ସଂଗ୍ରାମ ମହାପାତ୍ର ଗଜପତି ଜିଲ୍ଲାର ଭୂସ୍ଖଳନ ଅଞ୍ଚଳ ବୁଲି ଦେଖିଛନ୍ତି । ପ୍ରାଶାସନିକ ଅଧିକାରୀଙ୍କ ସହ ଭୂସ୍ଖଳନରେ କ୍ଷୟକ୍ଷତି ହୋଇଥିବା ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସମୀକ୍ଷା କରିଛନ୍ତି । ▶▶ପୃଷ୍ଠା ୭

## ଦକ୍ଷିଣ-ପଶ୍ଚିମ ଓଡ଼ିଶାକୁ ଭୂସ୍ଖଳନ ବିପଦ: ଲଗାଣ ବର୍ଷା ହେଲେ ଧସୁଛି ପାହାଡ, ବଢୁଛି ଭୟ



ଭୁବନେଶ୍ୱର, ୦୪/୧୦ (ନି.ପ୍ର): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ହୋଇଥିବା ଭୂସ୍ଖଳନ ଘଟଣା । ଏବେବି ନିଖୋଜ ବାପ ପୁଅଙ୍କର ପତ୍ତା ମିଳୁନି । ୨ ତାରିଖ ଅପରାହ୍ନ ୨ଟାରୁ ୭୦ ବର୍ଷୀୟ କାର୍ତ୍ତିକ ଶବର ଓ ତାଙ୍କ ପୁଅ ରାଜୀବ ମାଟି ତଳେ ଚାପି ହୋଇଯାଇଥିଲେ । ପୁଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ ସମସ୍ତେ ଖୋଜାଖୋଜି ଚଳାଇଛନ୍ତି। କିନ୍ତୁ ବାପ ପୁଅଙ୍କର ପତ୍ତା ମିଳନି। ପୂର୍ବରୁ ଭୂସ୍ଖଳନରେ ୨ ଜଣଙ୍କର ମୃତ୍ୟୁ ହୋଇସାରଛି । ଭୂସ୍ଖଳନ ସ୍ଥଳରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଉଦ୍ଧାର କାର୍ଯ୍ୟ । ଜେସିବି ମେସିନ୍ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ କରାଯାଉଛି । ଗତ ରାତିରେ ଅନ୍ଧାର ଯୋଗୁଁ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇନଥିଲା । ଆଜି ସକାଳୁ ଅଗ୍ନିଶମ, ପୋଲିସ ଏବଂ ଓଡ୍ରାଫ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଉଦ୍ଧାର କାର୍ଯ୍ୟ କରଯାଇଛି । ଆଜି ଭୂସ୍ଖଳନ ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ବିଧାୟକ । ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ଯେଉଁ ସ୍ଥାନରେ ମାଟି ଧସିଥିଲା, ସେହି ସ୍ଥାନକୁ ଯାଇ ଲୋକଙ୍କ ସହ ଆଲୋଚନା କରିଛନ୍ତି । ଉଦ୍ଧାରକାରୀ ଟିମ୍ ସହ ମଧ କଥା ହୋଇଛନ୍ତି । ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ ମହାପାତ୍ର ଗତକାଲି ଘଟଣାସ୍ଥଳକୁ ଯାଇଥିଲେ । କେଉଁ ପରିସ୍ଥିତିରେ ମାଟି ଧସିଲା, କେମିତି ଚାପି ହୋଇଗଲେ ବାପ ପୁଅ କାର୍ତ୍ତିକ ଓ ରାଜୀବ ଶବର, ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପରିବହନ ମନ୍ତ୍ରୀ ବିଭୂତି ଜେନା ଭୂସ୍ଖଳନ ସ୍ଥଳକୁ ଯାଇଥିଲେ ।

## ଏସଆଇ ପରୀକ୍ଷା ଘୋଟାଲାରେ ବଣିକ ଗ୍ରୁପ ମାଷ୍ଟର ମାଇଣ୍ଡ- କଂଗ୍ରେସ

ଭୁବନେଶ୍ୱର, ୦୪/୧୦ (ନି.ପ୍ର): ଏସଆଇ ପରୀକ୍ଷା ଘୋଟାଲା ନେଇ ଛାତ୍ର କଂଗ୍ରେସ ନେତା ଅଭିଯୋଗ କରିଛନ୍ତି ଯେ ବଣିକ ଗ୍ରୁପ ମଧ ଏହି ସ୍କାମରେ ମାଷ୍ଟର ମାଇଣ୍ଡ । ଅନେକ୍ ପିଲାଙ୍କ ନାଁ ଏହି ସ୍କାମରେ ରହିଛି । ଡ୍ୟାର୍ଟି ପିକଚର ଫିଲ୍ମ ଡ଼ାଇଲଗ୍ ସମତୁଲ୍ୟ କରି ବିଜେପିକୁ ଟାର୍ଗେଟ କରିଛି କଂଗ୍ରେସ । ଯେଉଁଭଳି ଫିଲ୍ମରେ ୩ଟି କଥା , ଏ ଣ୍ଟ ର ଟେ ନ ମେ ଂ ଟ , ଏ ଣ୍ଟ ର ଟେ ନ ମେ ଂ ଟ , ଏଣ୍ଟରଟେନମେଂଟରେ ଚାଲୁଥିଲା, ସେହିଭଳି ଓଡ଼ିଶାରେ ୩ ଟି ସ୍କାମରେ ଚାଲୁଛି କହିଛି କଂଗ୍ରେସ। ସରକାରୀ ସ୍କାମ, ବିଜେପି ସ୍କାମ, ଓ ଆରଏସଏସ ▶▶ପୃଷ୍ଠା ୭

## କଲିମ୍ପୋଙ୍ଗରେ ଖାଇକୁ ଖସିଲା କାର: ୪ ମୃତ, ୩ ଆହତ

ନୂଆଦିଲ୍ଲୀ,୦୪/୧୦ : କାଲିମ୍ପୋଙ୍ଗରେ ଜାତୀୟ ରାଜପଥ ୧୦ରେ ଶୁକ୍ରବାର ରାତିରେ ଗଭୀର ଖାଇ ଭିତରକୁ ଏକ କାର୍ ଖସି ପଡ଼ିବା ଫଳରେ ଅତିକମରେ ଚାରିଜଣଙ୍କ ମୃତ୍ୟୁ ହୋଇଛି ଓ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ପୋଲିସ ସୂତ୍ର ମୁତାବକ, ଏହି ଘଟଣା କାଲିମ୍ପୋଙ୍ଗ ଥାନା ଅଧୀନସ୍ଥ ମେଲି କିର୍ନି ନିକଟରେ ରାତି ୮ଟା ବେଳେ ଘଟିଥିଲା। ପାଥେରଝୋରାରୁ ଗ୍ୟାଙ୍ଗଟକ ଯାଉଥିବା ଏକ କାର ରାସ୍ତାରୁ ଖସି ପଡ଼ି ପ୍ରାୟ ୫୦ ଫୁଟ ଗଭୀର ଖାଇକୁ ଖସି ପଡ଼ିଥିଲା। ଏହି ସମସ୍ତେ ବୋଜୋଘରି ଅଞ୍ଚଳର ନିବାସୀ ଥିଲେ।

## ଘମାଘୋଟ ଯୁଦ୍ଧରେ ଲାଗିବ ରୋକ୍: ଖୁବ୍‌ଶୀଘ୍ର ଗାଜା ଷ୍ଟ୍ରିପ୍ ଛାଡ଼ିବ ହମାସ୍



ନୂଆଦିଲ୍ଲୀ,୦୪/୧୦ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଗାଜା ଶାନ୍ତି ପ୍ରସ୍ତାବରେ ସହମତି ପ୍ରକାଶ କରିଛି ହମାସ୍ । ବନ୍ଧକ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ଛଡ଼ାଯିବ, ଏଥିସହ ଗାଜା ଷ୍ଟ୍ରିପ୍‌ର ଶାସନ ଡୋରକୁ ସ୍ୱାଧୀନ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବ । ଏନେଇ ସକାରାତ୍ମକ ଭାବନା ପ୍ରକାଶ କରିଛି ହମାସ। ତଥାପି, ହମାସ୍ ସ୍ପଷ୍ଟ କରିଛି ଯେ ଏହି ଯୋଜନାର କିଛି ସର୍ତ୍ତକୁ ନେଇ ଆଲୋଚନା କରାଯାଉଛି । ହମାସ ପକ୍ଷରୁ ଡୋନାଲ୍ଡ ଟ୍ରମ୍ପଙ୍କ ୨୦ ସୂତ୍ରୀ ଯୋଜନା ଉପରେ ଏହାର ସରକାରୀ ପ୍ରତିକ୍ରିୟା ଜାରି କରାଯାଇଛି । ଆମେରିକା ରାଷ୍ଟ୍ରପତି ହମାସକୁ ଶାନ୍ତି ପ୍ରସ୍ତାବ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବା ପାଇଁ ରବିବାର ପର୍ଯ୍ୟନ୍ତ ସମୟସୀମା ଦେଇଥିଲେ । ପ୍ରସ୍ତାବର ସର୍ତ୍ତାବଳୀରେ କୌଣସି ସଂଶୋଧନ କିମ୍ବା ଆଲୋଚନା ସମ୍ଭବ କି ନାହିଁ ତାହା ଟ୍ରମ୍ପ ସ୍ପଷ୍ଟ କରିନାହାନ୍ତି । ଯଦିଓ ହମାସ ଏହା ଉପରେ ଆଲୋଚନା କରିବାକୁ ଚାହୁଛି, ତେବେ ଭବିଷ୍ୟତରେ ଇସ୍ରାଏଲ ବିରୋଧରେ ହମାସ ଅସ୍ତ୍ର ଛାଡ଼ିବ କି ନାହିଁ ଏହି ପ୍ରତିକ୍ରିୟାରେ ତାହା ସ୍ପଷ୍ଟ କରିନାହିଁ । ଚଳିତ ସପ୍ତାହ ଆରମ୍ଭରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଶାନ୍ତି ଆଲୋଚନା ହୋଇଥିଲା । ହମାସକୁ ଦିଆଯାଇଥିଲା ୭୨ଘଣ୍ଟାର ସମୟ। ସର୍ତ୍ତ ନମାନିଲେ ମିଳିତ ଭାବେ ହମାସ ଉପରେ ବଡ଼ ଆକ୍ରମଣ କରିବାକୁ ଧମକ ଦେଇଥିଲେ ଉଭୟ ଇସ୍ରାଏଲ ଓ ଆମେରିକା। ତେବେ ହମାସର ଘୋଷଣା ପରେ ଇସ୍ରାଏଲର କହିଛି ଯେ ଯଦି ହମାସ ପ୍ରକୃତରେ ରାଜି, ତେବେ ୭୨ ଘଣ୍ଟାରେ ଯୁଦ୍ଧବିରତି ଏବଂ ସମସ୍ତ ବନ୍ଧକଙ୍କୁ ମୁକ୍ତ କରୁ। ଗାଜା ସଂଘର୍ଷ ବନ୍ଦ ପାଇଁ ଟ୍ରମ୍ପଙ୍କ ପ୍ରୟାସକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି। ଆମେରିକାର ମଧ୍ୟସ୍ଥତା ସଫଳ ହେଲେ ମଧ୍ୟପ୍ରାଚ୍ୟରେ ବଡ ଶାନ୍ତି ଫେରିବ ବୋଲି ଆଶା କରାଯାଉଛି ।

## କ୍ଲାସ ଚାଲିଥିବା ସମୟରେ କୋଚିଂ ସେଣ୍ଟରରେ ବିସ୍ଫୋରଣ: ୨ ଛାତ୍ରଙ୍କର ମୃତ୍ୟୁ



ନୂଆଦିଲ୍ଲୀ,୦୪/୧୦ : ଉତ୍ତରପ୍ରଦେଶର ଫାରୁଖାବାଦରେ ଏକ ବଡ଼ ବିସ୍ଫୋରଣ ଘଟିଛି। ଏକ କୋଚିଂ ସେଣ୍ଟରରେ କ୍ଲାସ ଚାଲିଥିବା ସମୟରେ ବିସ୍ଫୋରଣ ଘଟି ଦୁଇ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି, ଯେତେବେଳେ ଜଣେ ଛାତ୍ରୀଙ୍କ ସମେତ ଅନ୍ୟ ପାଞ୍ଚ ଜଣ ଗୁରୁତର ଆହତ ହୋଇଛନ୍ତି। ବିସ୍ଫୋରଣର ଶବ୍ଦ ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା । ମିଳିଥିବା ସୂଚନା ମୁତାବକ ସାତାନପୁର ମଣ୍ଡି ରୋଡର କଟିଆର କୋଲ୍ଡ ଷ୍ଟୋରେଜ୍ ନିକଟରେ ଥିବା ସନ୍ କ୍ଲାସେସ୍ କୋଚିଂ ସେଣ୍ଟରରେ ଆଜି ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ କୋଚିଂ ସେଣ୍ଟର ଥିବା କୋଠାଟି ଥରି ଉଠିଲା। ବିସ୍ଫୋରଣ ଏତେ ଜୋରରେ ହୋଇଥିଲା ଯେ ପାର୍କିଂ ହୋଇଥିବା ବାଇକଗୁଡିକ କ୍ଷତିଗ୍ରସ୍ତ ହେବା ସହ କ୍ଲାସରୁମର ସିଲିଂ ଭାଙ୍ଗିଯାଇଥିଲା । ଘଟଣାସ୍ଥଳରେ ୨୬ ବର୍ଷୀୟ ଆକାଶ ସକ୍ସେନାଙ୍କ ମୃତ୍ୟୁ ହୋଇଥିଲା। କୋଚିଂ ସେଣ୍ଟରରେ ପଢୁଥିବା ଛାତ୍ରୀ ଏବଂ ଅନ୍ୟ ପାଞ୍ଚ ଜଣ ଛାତ୍ର ଗୁରୁତର ଆହତ ହୋଇଥିଲେ। ଅନ୍ୟ ଆହତମାନଙ୍କୁ ଡକ୍ଟର ରାମ ମନୋହର ଲୋହିଆ ହସ୍ପିଟାଲକୁ ନିଆଯାଇଥିଲା। ୨୫ ବର୍ଷୀୟ ଆକାଶ କଶ୍ୟପ ଏବଂ ୧୧ ବର୍ଷୀୟ ରିଦମ ଯାଦବଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ହସ୍ପିଟାଲକୁ ରେଫର କରାଯାଇଥିଲା। ▶▶ପୃଷ୍ଠା ୭

# ଅଳଉତିରେ ବଜାୟ ରହିଛି ଲାଖବିନ୍ଧା ପରମ୍ପରା



ଭଦ୍ରକ, ୦୪/୧୦ (ନି.ପ୍ର): ପୁରୁଷାନୁକ୍ରମେ ଚଳି ଆସୁଥିବା ଜମିଦାରୀ ପରମ୍ପରାର ଲାଖବିନ୍ଧା ଉତ୍ସବ ଆଜିବି ଅନୁଷ୍ଠିତ ହେଉଛି । ଏହି ଉତ୍ସବ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ରାମପୁର ପଂଚାୟତ ଅନ୍ତର୍ଗତ ଅଳଉତି ଗ୍ରାମରେ ଆଜି ବି ତାର ଅସ୍ମିତାକୁ ବଜାୟ ରଖିଛି । ଅଷ୍ଟମୀଠାରୁ ଭୂୟାଁ ଜମିଦାରଙ୍କର ଅସ୍ତ୍ରଶସ୍ତ୍ର ସଜ ବସିଥାଏ । ଦଶହରା ଦିନ ସଜ ଉଠିବା ପରେ ଜମିଦାର ପରିବାରର ସଦସ୍ୟମାନେ ଭୂୟାଁସାହି ଦଶହରା ପଡ଼ିଆରେ ଲାଖ ବିନ୍ଧିଥାନ୍ତି । ଚଳିତ ବର୍ଷ ପୂଜକ ନାରାୟଣ ଚନ୍ଦ୍ର ପଣ୍ଡା ବସିଥିବା ସଜ ନିକଟରେ ବିଧିମତେ ପୂଜାର୍ଚ୍ଚନା କରିଥିବା ବେଳେ ନିରଞ୍ଜନ ଭୂୟାଁ ଓ ପୟୋଧର ଭୂୟାଁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଦଶହରା ଅପରାହ୍ନରେ ଏକ କଦଳୀ ଗଛକୁ ପୂଜାର୍ଚ୍ଚନା ପୂର୍ବକ ପଡ଼ିଆର ଏକ ପାର୍ଶ୍ୱରେ ପୋତାଯିବା ସହ ବିରାଜ ଭୂୟାଁ, ଅଜିତ ଭୂୟାଁ, ସଞ୍ଜୟ ଭୂୟାଁ ଓ ରାକେଶ ଭୂୟାଁ ଲାଖ ବିନ୍ଧିବା କାର୍ଯ୍ୟ ଆରମ୍ଭ କରିଥିଲେ । ଜନ୍ମଜେୟ ଭୂୟାଁ ଓ ସୌମ୍ୟରଞ୍ଜନ ଭୂୟାଁ ଖଣ୍ଡା ଧାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ତିନି ଦିନ ଧରି ଆୟୋଜିତ ପର୍ବକୁ ଗ୍ରାମର ରମେଶ ଭୂୟାଁ, ଗୟାଧର ଭୂୟାଁ, ହୃଷିକେଶ ଭୂୟାଁ, ରାଜକୁମାର ଭୂୟାଁ, ନାରାୟଣ ଭୂୟାଁ, ତାପସ ଭୂୟାଁ, ସାରଙ୍ଗ ଭୂୟାଁ, ମାନସ ରଞ୍ଜନ ଭୂୟାଁ, ପ୍ରଦୀପ ଭୂୟାଁ, ଜୟଦେବ ରାଉତ, ବିଜୟ ଭୂୟାଁ, ପବିତ୍ର କ୍ରିଷ୍ଣା ଭୂୟାଁ, ହୃଷୀ ଦେହୁରୀ, ଦେବାଶିଷ ନାୟକ, ବିନାୟକ ବାରିକ, ପ୍ରାଣକୃଷ୍ଣ ପଣ୍ଡା, ସନ୍ଦୀପ ଭୂୟାଁ ସହ ଭୂୟାଁସାହିର ଯୁବକମାନେ ପରିଚାଳନା କରିଥିଲେ । ଶେଷରେ ଗଛକଟାଳି କୃଷ୍ଣଚନ୍ଦ୍ର ଜେନା ଗଛ କାଟିଥିଲେ । କାର୍ଯ୍ୟକ୍ରମକୁ ଦେଖିବାକୁ ହଜାର ହଜାର ହଜାର ସଂଖ୍ୟାରେ ଲୋକେ ଏକତ୍ରିତ ହୋଇଥିଲେ ।

# କଂଗ୍ରେସ ତରଫରୁ ଉଦଳାରେ ‘ଗାନ୍ଧୀ ପଥେ ଓଡ଼ିଶା’ କାର୍ଯ୍ୟକ୍ରମ



ଉଦଳା , ୦୪/୧୦ (ନି.ପ୍ର): ଉଦଳା ବ୍ଲକ ଓ ନଗର କଂଗ୍ରେସ କମିଟି ତରଫରୁ ମିଳିତ ଭାବରେ ଚଳିତ ଅକ୍ଟୋବର ୨ ତାରିଖ ଗୁରୁବାର ଦିନ ‘ଗାନ୍ଧୀ ପଥେ ଓଡ଼ିଶା’ କାର୍ଯ୍ୟକ୍ରମ ପାଳନ ଅବସରରେ ପଦଯାତ୍ରା ଓ ସାଧାରଣ ସଭାର ପର୍ବ ଅନୁଷ୍ଠିତ ହୋଇ ଯାଇଛି । କଂଗ୍ରେସର ବରିଷ୍ଠ ନେତା ନାରାୟଣ ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଦାସଙ୍କ ନିର୍ଦ୍ଦେଶରେ ସମଗ୍ର ଓଡ଼ିଶାରେ ଆଜିର ଦିନରେ ‘ଗାନ୍ଧୀ ପଥେ ଓଡ଼ିଶା’ କାର୍ଯ୍ୟକ୍ରମ କିପରି ଅନୁଷ୍ଠିତ ହେଉଛି ସୂଚନା ପ୍ରଦାନ କରିଥିଲେ । ଏହାପରେ ସମସ୍ତ ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରି ଉଦଳା ସହର ପରିକ୍ରମା କରିଥିଲେ । ପରେ ସମସ୍ତେ ସ୍ଥାନୀୟ ପୂର୍ତ୍ତ ବିଭାଗର ଡ଼ାକବଙ୍ଗଳା ଠାରେ ଏକତ୍ରିତ ହୋଇ ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ଏବଂ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । କଂଗ୍ରେସର ପୁର୍ବତନ ଜିଲ୍ଲା ସଂପାଦକ ଉତମ ବେହେରା ଉକ୍ତ ସଭାରେ ଅଧକ୍ଷତା କରି ମହାତ୍ମାଗାନ୍ଧୀଙ୍କ ଅହିଂସା ମହାମନ୍ତ୍ର ଆଜି କିପରି ସମଗ୍ର ବିଶ୍ୱର ରାଜନୀତିକୁ ପ୍ରଭାବିତ କରିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କଂଗ୍ରେସର ପୁର୍ବତନ ଉଦଳା ବ୍ଲକ ସଭାପତି ରାମଚନ୍ଦ୍ର ସିଂ ଓ ଯୋଗେନ୍ଦ୍ର ବାରଶାଳିଆ ଅଂଶଗ୍ରହଣ କରି ମାତ୍ର ୧୪ ମାସ ପ୍ରଧାନମନ୍ତ୍ରୀ ପଦରେ ଥାଇ ଲାଲବାହାଦୁର ଦେଶ ପାଇଁ ଯେଉଁକାମ କରିଯାଇଛନ୍ତି ତାହା କେବେ ଭୁଲିହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଶେଷରେ ସମସ୍ତେ ଏକସ୍ୱରରେ ‘ରଘୁପତି ରାଘବ ରାଜା ରାମ...’ ବୋଲିବା ସହ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

## ପୂଜା ମଣ୍ଡପ ବୁଲିଲେ ବିଧାୟକ

ଭଦ୍ରକ, ୦୪/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଓଡଙ୍ଗ ପଂଚାୟତ ପାରବନ୍ଧ ଦୁର୍ଗା ମଣ୍ଡପ ପରିଦର୍ଶନ କରି ମା’ଙ୍କର ଆଶୀର୍ବାଦ ଭିକ୍ଷା କରିବା ସହିତ ରାବଣ ପୋଡି ଦେଖିଲେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବିଧାୟକ ସଞ୍ଜୀବ ମଲ୍ଲିକ । ଦଶହରା ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚିନ୍ମୟ କୁମର ଦାସ, ରବିନ୍ଦ୍ର ଜେନା, ସଂଜୟ ତ୍ରିପାଠୀ, ପ୍ରକାଶ ଜେନା, ଲକ୍ଷ୍ମୀଧର ଜେନା, ଋଗୁଣା ପଢିଆରୀ, ପ୍ରଦୀପ ବେହେରା, ସଂଜୟ ପାଳ, ରବିନ୍ଦ୍ର ବେହେରା, ସରୋଜ ବାରିକ, ବାବୁ ରାଉତ, ବାସୁଆ ଜେନାଙ୍କ ସମେତ ବରିଷ୍ଠ ଓ ଯୁବ ନେତୃ ବୃନ୍ଦ ଉପସ୍ଥିତ ରହି ଜଗତଜନନୀ ମା’ ଦୁର୍ଗାଙ୍କ ମଣ୍ଡପ ନିକଟରେ ଅନୁଷ୍ଠିତ ରାବଣ ପୋଡିକୁ ଉପଭୋଗ କରିଥିଲେ । ସେହିପରି ଆଗରପଡ଼ାସ୍ଥିତ ବଙ୍ଗାଳିସାହୀ, ପୁରୁଷଣ୍ଡ, ଚକ୍ରାପାଡ଼ୀ, ଆଦି ସ୍ଥାନରେ ଥିବା ପୂଜା ମଣ୍ଡପ ବିଧାୟକ ବୁଲି ଥିଲେ । ବ୍ଲକ ଅଧକ୍ଷ ମନୋରଂଜନ ଘଡ଼େଇ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ପ୍ରଶାନ୍ତ ଦାଶ, ସତ୍ୟ ସାଧନ ବେଜ, ପୁରୁଷଣ୍ଡ ସରପଂଚ ପ୍ରକାଶ ବିଶ୍ୱାଳ, ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳ ନାୟକ, ଚାରିଗାଁ ପ୍ରାକ୍ତନ ସରପଂଚ ବନମାଳୀ ବେହେରା, ବସନ୍ତ ପତି, ଦୀପକ ମହାନ୍ତି, ପପୁ ନାୟକ, ଧରଣୀଧର ପୃଷ୍ଟି, ପ୍ରହ୍ଲାଦ ରାଉତ, ହରିହର ପାଣିଗ୍ରାହୀ, ସଂଜୟ ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

# ବୈଶିଙ୍ଗା ସାର୍ବଜନୀନ ଦୁର୍ଗାପୂଜାର ଭଷାଣି ଉତ୍ସବ ଅନୁଷ୍ଠିତ



ବୈଶିଙ୍ଗା , ୦୪/୧୦ (ନି.ପ୍ର): ବୈଶିଙ୍ଗା ସ୍ଥିତ ଶିବାଜୀ ଯୁବକ ସଂଘ ପ୍ରାଙ୍ଗଣରେ ଅନୁଷ୍ଠିତ ସାର୍ବଜନୀନ ଦୁର୍ଗାପୂଜା ଚଳିତ ବର୍ଷ ୫୨ ତମ ପୂଜା ଅନୁଷ୍ଠିତ ହୋଇଯାଇଛି । ଦଶହରା ପୂଜା ଲଗାଣ ବର୍ଷା ପାଇଁ ଫିକା ପଡିଯାଇଥିଲେ ମଧ ଶୁକ୍ରବାର ଅପରାହ୍ନରେ ଭଷାଣୀ ଉତ୍ସବ ଜାକ ଜମକରେ ଅନୁଷ୍ଠିତ ହୋଇଯାଇଛି । ପୂଜା କମିଟୀ ସଭାପତି ଶୁଭ୍ରାନ୍ତ ତିଆଡି, ଉପ ସଭାପତି ବନମାଳୀ ବିନ୍ଧାଣୀ, ସମ୍ପାଦକ ବିମଳେନ୍ଦୁ ମହାପାତ୍ର , ସହ ସମ୍ପାଦକ ରବି ମଣ୍ଡଳ ଓ କୋଷାଧକ୍ଷ ସୁନମ୍ର ମହାପାତ୍ର ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଙ୍କ ଗହଣରେ ଭାଷାଣୀ ଅନୁଷ୍ଠିତ ହୋଇଥିଲା । ପୂଜା ମଣ୍ଡପରୁ ମାଆ ଙ୍କୁ ଶୋଭାଯାତ୍ରାରେ ନେଇ କୈଶିଙ୍ଗା ବଜାର, କେନ୍ଦୁଆ ଗ୍ରାମ ଏବଂ ବୈଶିଙ୍ଗା ଗ୍ରାମ ମଧ ଦେଇ ଚନ୍ଦନ ପୁଷ୍କରିଣୀ ରେ ବିସର୍ଜନ କରା ଯାଇଥିଲା ।

# ପୋଖରୀରୁ ପାଣି ନିଷ୍କାସନ ଘଟଣା : ସରପଞ୍ଚ ସ୍ୱାମୀଙ୍କୁ ବାନ୍ଧିଲେ ଲୋକେ



ବାଲିଆପାଳ , ୦୪/୧୦ (ନି.ପ୍ର): ଲୋକଙ୍କ ଦ୍ୱାରା ଅଟକ ରହିଲେ ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ମିଳିଥିବା ସୂଚନା ଅନୁଯାୟୀ ବାଲିଆପାଳ ପଞ୍ଚାୟତର ସାତ ନମ୍ବର ୱାର୍ଡରେ ଥିବା ପଦ୍ମ ପୋଖରୀରୁ ବର୍ଷା ପାଣି ନିଷ୍କାସନ ପାଇଁ ଦୀର୍ଘ ଦିନ ଧରି ସାହିର ଲୋକମାନେ ଦାବି କରିଆସୁଥିଲେ ଏନେଇ ଗ୍ରାମବାସୀମାନେ ବାଲିଆପାଳ ସରପଞ୍ଚ, ତହସିଲଦାର, ବିଡ଼ିଓଙ୍କୁ କହିଥିଲେ ମଧ କେହି ଏପ୍ରତି ଦୃଷ୍ଟି ଦେଉନଥିଲେ ।୩ ମାସ ଧରି ୫୦ ପରିବାର ପାଣିଘେରରେ ବହୁ ହଇରାଣ ହରକତ ହେଉଛନ୍ତି । ପାଣି ଜମି ରହିବାକୁ କାହାକୁ ସାପ କାମୁଡୁଛି ତ କିଏ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଛନ୍ତି ।ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ସରପଞ୍ଚ, ବିଡ଼ିଓ ଏବଂ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ ଏହା ପ୍ରତି କେହି କର୍ଣ୍ଣପାତ କରୁନଥିଲେ । ଉକ୍ତ ପୋଖରୀକୁ ଲିଜରେ ନେଇଛନ୍ତି ସରପଞ୍ଚଙ୍କ ସ୍ୱାମୀ । ତେବେ ଆଜି ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ଉକ୍ତ ପଦ୍ମ ପୋଖରୀରେ ଛାଡ଼ିଥିବା ମାଛ ଦେଖିବା ପାଇଁ ଆସିଥିବା ବେଳେ ଗ୍ରାମର ଶତାଧିକ ମହିଳା ସରପଞ୍ଚ ଙ୍କ ସ୍ୱାମୀଙ୍କୁ ପଚାରିଥିଲେ ।ହେଲେ ସରପଞ୍ଚଙ୍କ ସ୍ୱାମୀ ନିଜର ଦବଙ୍ଗଗିରି ଦେଖାଇ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ମହିଳାଙ୍କ ଆକ୍ରୋଶର ଶିକାର ହୋଇଥିଲେ, ଏପରିକି ମହିଳା ମାନେ ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସଙ୍କୁ ଦଉଡିରେ ବାନ୍ଧି ଥିଲେ ।ଯେ ପର୍ଯ୍ୟନ୍ତ ପାଣି ନିଷ୍କାସନ ନ ହୋଇଛି ଶ୍ରୀ ଦାସଙ୍କୁ ଛଡା ଯିବ ନାହିଁ ବୋଲି ଗ୍ରାମବାସୀ ଜିଦିରେ ଅଟଳ ରହିବା ପରେ ଘଟଣା ସ୍ଥଳରେ ବାଲିଆପାଳ ତହସିଲଦାର ଏବଂ ପୋଲିସ ପହଁଞ୍ଚି ଲୋକ ଙ୍କ ସହ ଆଲୋଚନା ପରେ ସରପଞ୍ଚଙ୍କୁ ଉଦ୍ଧାର କରାଯାଇଥିଲା । ତେବେ ସ୍ତ୍ରୀ ସରପଞ୍ଚ ସ୍ୱାମୀ କରୁଛନ୍ତି ରାଜନୀତି ଶ୍ରୀ ଦାସଙ୍କ ଏପରି ବ୍ୟବହାରକୁ ସାଧାରଣରେ ନିନ୍ଦା କରାଯାଇଛି । ତେବେ ତୁରନ୍ତ ପାଣି ନିଷ୍କାସନ ପାଇଁ ଶ୍ରୀ ଦାସ ଦାୟିତ୍ୱ ନେଇଥିବା କଥା ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ କହିଛନ୍ତି ।

# ପାର୍ବଣ କବିତା ଆସର ଓ ପୁସ୍ତକ ଲୋକାର୍ପଣ




ବାରିପଦା, ୦୪/୧୦ (ନି.ପ୍ର): କଲ୍ୟାଣମୟୀ ଜଗତଜନନୀ ମା’ଦୁର୍ଗାଙ୍କ ପବିତ୍ର ଶାରଦୀୟ ପୂଜା ଅବସରରେ ନନ୍ଦିଘୋଷ ସାହିତ୍ୟ ସମାଜ ଆନୁକୁଲ୍ୟରେ ସାରସକ୍ଷେତ୍ର ସାରସକଣା ଶ୍ରୀ ଜଗନ୍ନାଥ ପୀଠ କଲ୍ୟାଣ ମଣ୍ଡପରେ ‘ପାର୍ବଣ କବିତା ପାଠ’ ର ଏକ ମନୋଜ୍ଞ ଆସର ଓ କବି ଜଗନ୍ନାଥ ସାହୁଙ୍କ କବିତା ସଂକଳନ ‘ ଭୂମିରୁ ଭୂମା’ର ଶୁଭ ଲୋକାର୍ପଣ ଉତ୍ସବ ଆନନ୍ଦ ଉଲ୍ଲାସ ମଧରେ ଅନୁଷ୍ଠିତ ହୋଇଯାଇଛି । ପାର୍ବଣ କବିତା ଆସରରେ ଅଧାପକ ସମରେନ୍ଦ୍ର କୁମାର ବଶା ଓ କବି ଅଜିତ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ସ୍ଥାନୀୟ ଶିକ୍ଷାୟତନ ମା’ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟ, ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଈଶ୍ୱର ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ ଆଦିର ଛାତ୍ରଛାତ୍ରୀ ଯଥା ପୂଜାରାଣୀ ସାହୁ , ଶୁଭସ୍ମିତା ସାହୁ, ସୁଇଟି ମହାକୁଡ , ପାୟଲ ସାହୁ, ପ୍ରୀତିପ୍ରଜ୍ଞା ବେହେରା, ଅନିନ୍ଦିତା ସାହୁ, ଜଲୀଶ୍ରୀ ରାଉତ, ମଧୁସ୍ମିତା ସାହୁ, ଅର୍ଚ୍ଚନା ମାଝୀ , ସୃଷ୍ଟି ସମ୍ଭାବନା ସାହୁ, ସ୍ମୃତିପ୍ରଜ୍ଞା ବେହେରା, ନିହାରିକା ସୋରେନ, ଶାନ୍ତନୁ ରାଉତ, ଗୀତାଞ୍ଜଳି ସାହୁ ଏବଂ ଅଞ୍ଚଳର ସାରସ୍ୱତ ପ୍ରତିଭା ବାପି କୁମାର ମହାନ୍ତ, ଅବିନାଶ ବେହେରା ଏବଂ ଏକାଦଶୀ ମହାନ୍ତ ପ୍ରମୁଖ ସ୍ୱରଚିତ ରଚନା ପାଠ କରିଥିଲେ । ସମାରୋହର ପରବର୍ତ୍ତୀ ପର୍ଯ୍ୟାୟ, ପୁସ୍ତକ ଲୋକାର୍ପଣ ଉତ୍ସବରେ ’ମକର ମଣ୍ଡା’ ସାହିତ୍ୟ ପତ୍ରିକାର ମୁଖ୍ୟ ସମ୍ପାଦକ ପଦ୍ମନାଭ ସାହୁଙ୍କ ମଞ୍ଚ ଆମନ୍ତ୍ରଣ ଏବଂ ସାହିତ୍ୟ ସମାଜର ସଭାପତି ଡଃ ଉପେନ୍ଦ୍ର ନାଥ ସାହୁଙ୍କ ପୌରୋହିତ୍ୟରେ ଏମ୍.ପି.ସି. ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ଃ ଅବନୀ କୁମାର କୁଣ୍ଡୁ , ସ୍ୱନାମଧନ୍ୟ କାବ୍ୟକାର ପ୍ରାଧାପକ ରାଜେନ୍ଦ୍ର କୁମାର ସାମଲ, ପ୍ରାକ୍ତନ ଅଧ୍ୟକ୍ଷ ଗଡିଆ ମହାବିଦ୍ୟାଳୟ, ସଫଳ କବି ଓ ଗାଳ୍ପିକା ସୁଶ୍ରୀ କାବେରୀ ମିଶ୍ର ଉପସଭାପତି ମୟୂରଭଞ୍ଜ ସାହିତ୍ୟ ପରିଷଦ, ବରିଷ୍ଠ କବୟିତ୍ରୀ ପାର୍ବତୀ ବାରିକ ତଥା ଭଞ୍ଜମାଟିର ବିଜ୍ଞ ସାହିତ୍ୟିକ ଶଙ୍କର ଜେନା, ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା, ସମ୍ମାନନୀୟା ସମୀକ୍ଷିକା, ସମ୍ମାନ୍ନିତ ଅତିଥି ଓ ବିଶେଷ ବକ୍ତା ଭାବେ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ । ପୁସ୍ତକର ରଚୟିତା ଜଗନ୍ନାଥ ସାହୁ ସଂକଳନ ଉପରେ ସଂକ୍ଷିପ୍ତ ଆଲୋକପାତ କରିଥିଲେ । ପୁସ୍ତକର ନାମକରଣକୁ ନେଇ ସୁନ୍ଦର ପ୍ରଚ୍ଛଦ ନିର୍ମାଣ କରିଥିବା ଚିତ୍ରଶିଳ୍ପୀ ଦମ୍ପତି ସ୍ୱରୂପ କୁମାର ନାୟକ ଓ ଶ୍ରୀମତୀ ମୋନାଲିସାଙ୍କୁ ପୁଷ୍ପଗୁଚ୍ଛ ଓ ସଲ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମାରୋହ ପରିଚାଳନାରେ ସହାୟତା କରିଥିଲେ ନନ୍ଦିଘୋଷ ସାହିତ୍ୟ ସମାଜ ପରିବାରର ସଦସ୍ୟ/ ସଦସ୍ୟା ସର୍ବଶ୍ରୀ ପ୍ରଶାନ୍ତ କୁମାର ସାହୁ, ଅତୁଲ ଚନ୍ଦ୍ର ଦାସ, ମନୋଜ କୁମାର ସାହୁ, ନବକିଶୋର ସେଠୀ, ଅନ୍ତର୍ଯ୍ୟାମୀ ସାହୁ, ସୁରଥ କୁମାର ସାହୁ, ପ୍ରଦୀପ କୁମାର ପାଳିତ, ଅଭିନନ୍ଦନ ସାହୁ, ଶିବାନନ୍ଦ ସାହୁ ଓ ଶ୍ରୀମତୀ ପ୍ରତିଭା ସାହୁ ପ୍ରମୁଖ । ସାହିତ୍ୟ ସମାଜର ବରିଷ୍ଠ କବି ରବୀନ୍ଦ୍ର ନାଥ ଭୋଳ ଧନ୍ୟବାଦ ଦେଇଥିଲେ ।

## ଦିଲ୍ଲୀ ଗସ୍ତରେ ମନମୋହନ ସାମଲ

ଭୁବନେଶ୍ୱର, ୦୪/୧୦ (ନି.ପ୍ର): ଦିଲ୍ଲୀ ଗସ୍ତରେ ଗଲେ ମନମୋହନ ସାମଲ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତ କରିଛନ୍ତି । ମନମୋହନଙ୍କ ଏହି ଦିଲ୍ଲୀ ଗସ୍ତ ରାଜ୍ୟ ବିଜେପି ।ଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ସରକାର ଏବଂ ସଙ୍ଗଠନ ପାଇଁ ବିଜେପି ରାଜ୍ୟ ସଭାପତି ଦଳର ଶୀର୍ଷ ନେତୃତ୍ୱଙ୍କ ସହ କରିବେ ଆଲୋଚନା । ବିଶେଷ କରି ଆଗକୁ ନୂଆପଡ଼ା ଉନିର୍ବାଚନ ବିଜେପି କାହାକୁ କରିବ ପ୍ରାର୍ଥୀ ତାକୁ ନେଇ ମଧ ମନମୋହନ ଦଳୀୟ ନେତାଙ୍କ ସହ କରିବେ ବିଚାର ବିମର୍ଶ ।

# ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର : ମାଛ ଧରାକୁ କେନ୍ଦ୍ରକରି ହତ୍ୟା ଅଭିଯୋଗ ଆଣିଲା ପରିବାର



ନୀଳଗିରି : ଲଗାଣ ବର୍ଷାରେ ବିଲରୁ ମାଛମାରିବା ଲୋଭ ଶେଷରେ ଜଣେ ଯୁବକର ନେଇଛି ।ସୂଚନା ମୁତାବକ ନୀଳଗିରି ଥାନା ଅଧୀନ ଷଠିଲ ବଲବଲିଆ ଗ୍ରାମର ଗଜେନ୍ଦ୍ର ଗିରି ଗତ ଗୁରୁବାର ସନ୍ଧ୍ୟାରେ ମାଛ ଧରିବା ପାଇଁ ବିଲକୁ ଯାଇଥିଲେ ।ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିଥିଲେ ।ପରେ ପରିବାର ଲୋକେ ତାଙ୍କୁ ବିଲ ମଝିରେ ଅଚେତ ଅବସ୍ଥାରେ ପଡିଥିବାର ଦେଖିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ମଧ ଲାଗିଥିଲା ।ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ନୀଳଗିରି ମେଡିକାଲ ଆଣିଥିଲେ ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାର ପକ୍ଷରୁ ଗଜେନ୍ଦ୍ରଙ୍କ ପୁଅ ଜୟନ୍ତ ନୀଳଗିରି ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରଖିଛି । ମାଛଧରାକୁ କେନ୍ଦ୍ରକରି ନିକଟସ୍ଥ ଜଡ଼ିବାଲି ଗ୍ରାମର କିଛିବ୍ୟକ୍ତିଙ୍କ ସହିତ ଗଜେନ୍ଦ୍ରଙ୍କ ଝଗଡା ହୋଇଥିବା ପୁଅ ଜୟନ୍ତ ପୋଲିସ ନିକଟରେ ସେମାନଙ୍କର ନାମଲେଖି ଅଭିଯୋଗ କରିଛନ୍ତି । ତେବେ ଶବ ବ୍ୟବଚ୍ଛେଦ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଛନ୍ତି ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ।

# ଭକ୍ତିଜ୍ଞାନ ସଂଚାର ସେବା ସମିତି ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ଉଦଳା , ୦୪/୧୦ (ନି.ପ୍ର): ଚଳିତ ଅକ୍ଟୋବର ୨ ତାରିଖ ଗୁରୁବାର ଭକ୍ତିଜ୍ଞାନ ସଂଚାର ସେବା ସମିତି, ଉଦଳା ତରଫରୁ ବିଶ୍ୱ ଅହିଂସା ଦିବସ ଅବସରରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ୧୫୬ତମ ଓ ଭାରତର ପ୍ରାକ୍ତନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ତଥା ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କର ୧୨୧ ତମ ଜନ୍ମ ଜୟନ୍ତୀ ସନ୍ଧାନଗୃହ କକ୍ଷରେ ମହାସମାରୋହରେ ପାଳିତ ହୋଇ ଯାଇଛି । ଏଥିରେ ଭକ୍ତିଜ୍ଞାନ ସଂଚାର ସମିତିର ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ୍ ରବିକାନ୍ତ ମହାପାତ୍ର ଅଧକ୍ଷତା କରିଥିବା ବେଳେ ଉଦଳା ଏନ୍ଏସିର ଅଧକ୍ଷା ତଥା କବୟିତ୍ରୀ ପ୍ରମିଳା ପଣ୍ଡା ମୂଖ୍ୟ ଅତିଥି, ପ୍ରାକ୍ତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଅନୁଷ୍ଠାନର ଅଧକ୍ଷ ତଥା ପ୍ରବଚକ ଲକ୍ଷ୍ମୀଧର ପୁଥାଳ, ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, କିଶୋର ଚନ୍ଦ୍ର ଦାସବାବୁ, ଡ଼ା. ସଚ୍ଚିଦାନନ୍ଦ ପରିଡ଼ା, ମଂଚାସୀନ ହୋଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କର ଜୀବନାଦର୍ଶକୁ ଆଲୋକପାତ କରିବା ସହିତ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସହ ସମ୍ପାଦକ ରଜତ କୁମାର ପଣ୍ଡା ମଂଗଳାଷ୍ଟକ ପାଠସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ମିନତି ମହାପାତ୍ର, ଦିପ୍ତୀଲତା ମିଶ୍ର, ସୁଶ୍ରୀ ଅଭିପ୍ସା ମହାପାତ୍ର, ସୁଶ୍ରୀ ପ୍ରଲିପ୍ସା ମହାପାତ୍ର, ସ୍ୱୟଂସିଦ୍ଧା ପରିଡ଼ା, ଲୋପାମୁଦ୍ରା ନାୟକ, ସମୀକ୍ଷା ସାହୁ ଓ ସୌମ୍ୟାନନ୍ଦିନି ମହାରଣା ଗାନ୍ଧୀଙ୍କର ପ୍ରିୟ ରାମଧୁନ୍ ଗାନ କରିଥିଲେ । ଏହି ଉତ୍ସବରେ “ସାମ୍ପ୍ରତିକ ସମାଜରେ ଗାନ୍ଧୀଦର୍ଶନର ପ୍ରାସଙ୍ଗିକତା” ଉପରେ ହୋଇଥିବା ଆଲୋଚନା ଚକ୍ରରେ ଯେଉଁମାନେ ବକ୍ତବ୍ୟ ରଖିଥିଲେ ସେମାନଙ୍କ ମଧ୍ୟରେ ଶିକ୍ଷାବିତ ଡ଼. ଶ୍ୟାମସୁନ୍ଦର ପଣ୍ଡା, ଗ୍ରନ୍ଥାଗାରିକ ମନରଂଜନ ମଲ୍ଲିକ, କୃଷି ବୈଜ୍ଞାନିକ ପରେଶ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ସାହୁ, କାଶୀନାଥ ଦାସ, ପ୍ରାକ୍ତନ ଅନୁଶିକ୍ଷାନିରୀକ୍ଷକ ସ୍ମୃତୀମୟୀ ଦାସ, ଆଶୁକବି ଯୋଗେନ୍ଦ୍ର ପଣ୍ଡା, ଛାତ୍ରୀ ସ୍ୱୟଂସିଦ୍ଧା ପରିଡ଼ା ଆଦି ପ୍ରମୁଖ ଥିଲେ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ଯେଉଁମାନେ ସହଯୋଗ କରିଥିଲେ ସେମାନଙ୍କ ମଧ୍ୟରେ ଅନୁଷ୍ଠାନର ସହ ସମ୍ପାଦକ ଦିଲୀପ କୁମାର ପ୍ରମାଣିକ, ସର୍ବେଶ୍ୱର ମହାପାତ୍ର, କଟକ ଜିଲ୍ଲା ନରସିଂହପୁର ଡ଼ାଏଟ୍ ର ଅଧକ୍ଷ ନିରଂଜନ ସାହୁ, ଶିକ୍ଷାବିତ ଅନ୍ତର୍ଯ୍ୟାମୀ ମୁଦୁଲି, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ସୁବଳ ବେହେରା, ବିଶିଷ୍ଟ ଚିତ୍ରକର ରାଜାରାମ ବେହେରା, ପ୍ରଶାନ୍ତ କୁମାର ବିଶ୍ୱାଳ, ସାମ୍ବାଦିକ ମାନସ ପାଣି, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ରବିନ୍ ମହାନ୍ତି, ଅନନ୍ତ କୁମାର ଆଚାର୍ଯ୍ୟ, ସୁବାସିନୀ ବେହେରା ଆଦି ମୁଖ୍ୟ ଥିଲେ । କାର୍ଯ୍ୟକ୍ରମ ଶେଷ ସ୍ୱର୍ଶରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ତରଫରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ।

## ବର୍ଷା ଯୋଗୁ ଗଜପତି, ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲା ପ୍ରଭାବିତ

ଭୁବନେଶ୍ୱର, ୦୪/୧୦ (ନି.ପ୍ର): ଲଘୁଚାପ ବର୍ଷା ଯୋଗୁଁ ଗଜପତି, ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲା ବ୍ୟାପକ ଭାବେ୍ ଭାବିତ ହୋଇଛି । ରାୟଗଡ଼ାର କିଛି ଗାଁରେ ବର୍ଷା ପାଣି ପଶିବା ଯୋଗୁଁ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । କଳାହାଣ୍ଡି ଜିଲ୍ଲାର ୯ ଟି ଗାଁ ପାଣି ଘେରରେ ଥିଲା । ଲୋକଙ୍କ ସରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ବୋଲି ରାଜସ୍ୱ ଓ ର୍ବିୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

## ଚିହ୍ନଟ ହେବ ଭୂସ୍ଖଳନ ପ୍ରବଣ ଅଞ୍ଚଳ

ଭୁବନେଶ୍ୱର, ୦୪/୧୦ (ନି.ପ୍ର): ଗଜପତି ଭୂସ୍ଖଳନ ରେ ସରକାରଙ୍କ ବଡ଼ ପଦକ୍ଷେ । ଭୂସ୍ଖଳନ ।ଇଁ ସରକାର କରିବେ ମାଷ୍ଟର ପ୍ଲାନ୍ । ଗଜପତି ଭଳି ରାଜ୍ୟର ପାହାଡ଼ ପର୍ବତ ଅଞ୍ଚଳରେ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଗୁଡିକୁ ଚିହ୍ନଟ କରାଯିବ । ଏନେଇ ରାଜସ୍ୱ ଏବଂ ବିର୍ଯ୍ୟୟ ରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

**KAMALA KUMARI SANSKRIT WOMEN’S COLLEGE**
PANCHUPALI, BALASORE,756024, Mob-9938781246,8658479843

**WANTED**

Invites application for the contractual post of a lecturer in Sanskrit Vyakaran having at least 55 % of Marks at PG level and good academic career with consolidated payment of 20000/- P/m . Interested candidates must submit his/her bio-data with all certificates and testimonials through college e-mail: kkswcppali.bls@ gmail.com on before 17.10.2025 . The Date and place of interview will be intimated through their e-mail .

Sd/-
Principal-cum-secretary

# ସହିଦ ପାର୍କଠାରେ ‘ମନା’ର ଗାନ୍ଧି ଜୟନ୍ତୀ ପାଳନ




ବାଲେଶ୍ୱର, ୦୪/୧୦ (ନି.ପ୍ର): ‘ମିଳିତ ନିଶା ନିବାରଣ ଅଭିଯାନ,‘ମନା’ ବାଲେଶ୍ୱର’ ପକ୍ଷରୁ ସ୍ଥାନୀୟ ସହିଦପାର୍କ ସ୍ଥିତ ଗାନ୍ଧିପ୍ରତିମୂର୍ତ୍ତିଠାରେ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି । ଗାନ୍ଧିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ନିଶା ବିରୋଧରେ ଏକ ସଚେତନତା ସଭା କରାଯାଇଥିଲା । ସାଧାରଣ ସଂପାଦିକା ମମତା ମହାପାତ୍ର ଗାନ୍ଧିଜୀଙ୍କ ଅହିଂସା ମାର୍ଗ ଓ ନିଶାମୁକ୍ତ ଭାରତ ଗଠନ ତଥା ଶାସ୍ତ୍ରୀଜୀଙ୍କ ଆଦର୍ଶ ସମ୍ବନ୍ଧରେ ଆଲୋକପାତ କରିବା ସହ ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର କରିବାକୁ ଶପଥ ନେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଉପସ୍ଥିତ ସମସ୍ତ ସଦସ୍ୟମାନେ ରଘୁପତି ରାଘବ...ଭଜନ ସମୂହ ଗାନ କରିବା ପରେ କଲ୍ୟାଣୀ ନନ୍ଦ ଗାନ୍ଧିଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ...ଗାନ କରିଥିଲେ । ଏହି ସଭାରେ ଉପଦେଷ୍ଟା ସର୍ବଶ୍ରୀ ସୁବ୍ରତ କର, ଉପସଭାପତି ମହମ୍ମଦ୍ ଇସ୍‌ଲାମ୍, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ଶୁଭଙ୍କର ମହାପାତ୍ର, ବେଣୁଧର ସାହୁ ଓ ଜୀତେନ୍ଦ୍ର ଉପାଧ୍ୟାୟ ପ୍ରମୁଖ ପ୍ରମୁଖ ଜାତିର ପିତା ମହାତ୍ମାଗାନ୍ଧି ଓ ଶାସ୍ତ୍ରଜୀଙ୍କ ଜୟନ୍ତୀରେ ସେମାନଙ୍କ ଜୀବନଦର୍ଶନ ଉପରେ ଆଲୋଚନା କରି ରାଜ୍ୟକୁ ନିଶାମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହି ଧନ୍ୟବାଦ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ଅକ୍ଟୋବର ୨୦୨୫
email :
rabibarachayan2015@gmail.com



# ଧାରାବାହିକ ଉପନ୍ୟାସ



# ବୈଦେହୀ

## ଡ.ଭାଗବତ ବେହେରା

ଭାଗ-୧୧୫
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ନହେଉ ପତି ପତ୍ନୀଙ୍କର ମିଳନ, ଆମେ କୌଣସି ପ୍ରକାରେ ସୀତାକୁ ଏ ଆଶ୍ରମରୁ ଛାଡ଼ିଦେଇ ପାରିବୁ ନାହିଁ ।

ଅନୁକମ୍ପାଙ୍କ କଥାଶୁଣି ମହର୍ଷି ବାଲ୍ମିକୀ କହିଥିଲେ, ଅନୁକମ୍ପା ତୁମେ ଏପରି କୁହନାହିଁ । ତୁମେ ସୀତାର ମାତା ତୁଲ୍ୟ । ମାଆଠାରୁ ଅଧିକ ସ୍ନେହ ଦେଇ ତୁମେ ତାକୁ ଦଶବର୍ଷ ଲାଳନ, ପାଳନ କରିଛ । ତା ପୁତ୍ର ଦ୍ୱୟକୁ ମଧ୍ୟ ପାଳିଛ। ତୁମେ କ'ଣ ଚାହଁ ତୁମ ଝିଅ ଏମିତି ଅନାଥିନୀ ହୋଇ ଏହି ଆଶ୍ରମରେ ସବୁଦିନ ପଡ଼ିରହୁ । ତା ପତିଦେବତାଙ୍କ ସହିତ ମିଳନ ନହେଉ ? ଏମିତି ଦୁଃଖରେ ସଡ଼ିସଡ଼ି ସେ ସବୁଦିନ ଏ ଆଶ୍ରମରେ ମରିମରି ବଞ୍ଚିଥାଉ ବୋଲି ?

ବାଲ୍ମିକୀଙ୍କ କଥା ଶୁଣି କାନ୍ଦିକାନ୍ଦି ଅନୁକମ୍ପା କହିଥିଲେ, ମୁଁ କ'ଣ କରିବି ମହର୍ଷି । ମୁଁ ରକ୍ତମାଂସର ସାଧାରଣ ନାରୀଟିଏ । ସୀତା ଏ ଆଶ୍ରମର କାହା କନ୍ୟା ନୁହେଁ, କାହା ଭଗ୍ନୀ ନୁହେଁ, କାହା ମାତା ନୁହେଁ, ଏକଥା ତୁମେ କହିପାରିବ ? ଏ ଆଶ୍ରମର ପଶୁପକ୍ଷୀ, ବୃକ୍ଷଲତା, ମାଟି, ପାଣି, ପବନ ସମସ୍ତେ ସୀତାକୁ ଆପଣାର କରି ନେଇଛନ୍ତି । ସେ କାହାପାଇଁ ଝିଅ ତ କାହାପାଇଁ ମା' । ସେମାନେ ସୀତାଙ୍କୁ ହରାଇ କେମିତି ଦିନ କାଟିବେ ମହର୍ଷି ।

ସବୁ ନିୟତିର ନିର୍ଦ୍ଦେଶ ଅନୁକମ୍ପା । ଏତକୁ କାହାର ହାତ ଅଛି ? କାଳବିଳମ୍ବ ନକରି ତୁମେ ଲକ୍ଷ୍ମଣଙ୍କୁ ଜାନକୀଙ୍କ କୁଟୀର ପାଖକୁ ନେଇଯାଅ। ମୁଁ ତୁମ ପଛେପଛେ ଯାଉଛି । ଏହାକହି ମହର୍ଷି ବାଲ୍ମିକୀ ସେ ସ୍ଥାନରୁ ବିଦାୟ ନେଇଥିଲେ ।

କାଠ ହୋଇ ଛିଡ଼ା ହୋଇ ଥା'ନ୍ତି ଲକ୍ଷ୍ମଣ। ମନଭରି ସେ ପିଇ ଯାଉଥିଲେ ମହର୍ଷି ବାଲ୍ମିକୀ ଅନୁକମ୍ପାଙ୍କ କଥୋପକଥନ । କେତେ ଆପଣାର କରି ନେଇ ନାହାନ୍ତି ଏ ଆଶ୍ରମର ଅନ୍ତେବାସିନୀ ମାନେ ଦେବୀ ଜାନକୀଙ୍କୁ । ସେମାନଙ୍କୁ ଛାଡ଼ି ଦେବୀ କ'ଣ ଏଠାରୁ ପାଦ କାଢ଼ି ପାରିବେ ?

ଲକ୍ଷ୍ମଣଙ୍କୁ ଆଣି ତପସ୍ୱିନୀ ଅନୁକମ୍ପା ସୀତାଦେବୀଙ୍କ କୁଟୀର ନିକଟରେ ପହଞ୍ଚାଇ ଦେଇଥିଲେ । କୁଟୀର ଭିତରେ ଏକାକିନୀ ତଳକୁ ମୁହଁପୋତି ଶୋଇ ରହିଥା'ନ୍ତି ସୀତାଦେବୀ। କୁଶ ଲବ ମହର୍ଷି ବାଲ୍ମିକୀଙ୍କ ସହିତ ଅଯୋଧ୍ୟା ଯାତ୍ରା କଲା ଦିନରୁ ସେ ଅନ୍ନ ଜଳ ଗ୍ରହଣ କରୁନାହାନ୍ତି । ଯେତେ ବୁଝାଇଲେ ମଧ୍ୟ କିଛି ବୁଝୁନାହାନ୍ତି । ଅନବରତ ନୟନରୁ ଝରାଇ ଚାଲିଛନ୍ତି ଅଶ୍ରୁର ଝରଣା । ଏକଥା ଅନୁକମ୍ପାଙ୍କ ମୁଖରୁ ଶୁଣି ଲକ୍ଷ୍ମଣ ଅତ୍ୟନ୍ତ ବ୍ୟଥିତ ହୋଇ କହିଥିଲେ, ଦୟାକରି ଆପଣ ତାଙ୍କୁ ଡାକି ଉଠାନ୍ତୁ । ଲକ୍ଷ୍ମଣ ଆସିଛି ବୋଲି କୁହନ୍ତୁ ।

ତୁମକଥା ତାଙ୍କ କାନକୁ ଛୁଇଁବକି ନାହିଁ ମୁଁ ଜାଣେନା । ଆଜକୁ ସାତଦିନ ଧରି ସେ କେବଳ ରାମନାମ ଧରି ପଡ଼ି ରହିଛନ୍ତି । ରାମନାମ ବ୍ୟତିରେକେ ସେ କାହା ସହ କଥା ହେଉନାହାନ୍ତି କି କାହାକୁ ଅନାଉ ନାହାନ୍ତି । ଏହି ଦେଖ ଗୃହ ଭିତରେ ତିଳେ ମାତ୍ର ସ୍ଥାନ ନାହିଁ । ସବୁଠି ରାମନାମ ଲେଖା ହୋଇଛି । ତାଙ୍କ ଶଯ୍ୟା ଚତୁଃପାର୍ଶ୍ୱରେ ରାମନାମ । ଶଯ୍ୟାରେ ରାମନାମ। ଶରୀରରେ ରାମନାମ ଆଉ ତୁଣ୍ଡରେ ବି ରାମନାମ । ବିନା ରାମରେ ତାଙ୍କର ଗତି ମୁକ୍ତି ନାହିଁ ବୋଲି କହି ଅନ୍ନଜଳ ଗ୍ରହଣ ନକରି କେବଳ ରାମ ନାମକୁ ପାନ ଭୋଜନ କରି ସେ ପଡ଼ିରହିଛନ୍ତି । ତୁମ କଥା କହିଲେ ସେ କ'ଣ ଶୁଣିବେ ?

ଥରେ ଚେଷ୍ଟାକରି ଦେଖନ୍ତୁ । ରାମାନୁଜ ଲକ୍ଷ୍ମଣ ଅଯୋଧ୍ୟାରୁ ଆସିଛନ୍ତି ବୋଲି କୁହନ୍ତୁ । ପ୍ରଭୁ ରାମଚନ୍ଦ୍ର ମୋତେ ପଠାଇଛନ୍ତି ବୋଲି ସନ୍ଦେଶ ଦିଅନ୍ତୁ ।

ଲକ୍ଷ୍ମଣଙ୍କ କଥା ରଖି ଅନୁକମ୍ପା ଯାଇ ସୀତାଙ୍କ ମୁଣ୍ଡ ପାଖରେ ବସି କହିଥିଲେ, ମା' ଜାନକୀ ଶଯ୍ୟାତ୍ୟାଗ କରି ଉଠ ମା' । କେତେଦିନ ଏମିତି ନଖାଇ ନପିଇ ପଡ଼ି ରହିଥିବ।

ଅନୁକମ୍ପାଙ୍କ ବଚନର କୌଣସି ପ୍ରତିଉତ୍ତର ଆସିଲା ନାହିଁ । ଅନୁକମ୍ପା କେବଳ ରାମନାମ ହିଁ ଶୁଣିବାକୁ ପାଇଲେ । ବାରମ୍ବାର ଡାକିଲେ ବି ସୀତାଦେବୀ ବିଛଣାରୁ ନଉଠିବାରୁ, ପାଟିକରି ଅନୁକମ୍ପା କହିଥିଲେ ଉଠ ମା ଉଠ । ଦୁଃଖର ଦିନ ତୋର ସରିଯାଇଛି । ତୋ ସ୍ୱାମୀ ରାମଚନ୍ଦ୍ର ତାଙ୍କ ଅନୁଜ ଲକ୍ଷ୍ମଣଙ୍କୁ ପଠାଇଛନ୍ତି ତୋତେ ଅଯୋଧ୍ୟାକୁ ଫେରାଇ ନେବାକୁ । ଶଯ୍ୟାଛାଡ଼ି ଲକ୍ଷ୍ମଣ ସହିତ କଥା କୁହ ମା ।

ଲକ୍ଷ୍ମଣ ନାମ ଶୁଣି ଚମକି ଉଠିଥିଲେ ଦେବୀ ବୈଦେହୀ । ଲକ୍ଷ୍ମଣ ଆସିଛି ଲକ୍ଷ୍ମଣ ଆସିଛି ବୋଲି କହି ସେ ଶେଯରେ ଉଠିବସନ୍ତେ, ଲକ୍ଷ୍ମଣ ଯାଇ ତାଙ୍କୁ ପ୍ରଣାମ କରିଥିଲେ । ନିର୍ନିମେଷ ନୟନରେ ଲକ୍ଷ୍ମଣଙ୍କୁ ଅନାଇ ରହିଥା'ନ୍ତି ସେ । ତୁଣ୍ଡରେ ଭାଷା ନାହିଁ । ନୟନରୁ ଅଶ୍ରୁ, ଶ୍ରାବଣର ଜଳଧାରା ଭଳି ବହି ଚାଲିଛି । ନିରବ ଲକ୍ଷ୍ମଣ । ନିରବ ଅନୁକମ୍ପା । ନିରବ ମଧ୍ୟ ଜନକ ଦୁହିତା । କାହାରି ତୁଣ୍ଡରେ ଭାଷା ନାହିଁ । କିଛି ସମୟ ପରେ ଅନୁକମ୍ପା ସୀତାଙ୍କ ଚକ୍ଷୁରୁ ଅଶ୍ରୁପୋଛି ଦେଇ କହିଥିଲେ ମା' ଆଉ ଅଶ୍ରୁ ଢାଳ ନାହିଁ । ଦୀର୍ଘ ଦଶବର୍ଷ ଧରି ଅଶ୍ରୁ ଢାଳିଢାଳି ଚକ୍ଷୁ ସମୁଦ୍ର ତୋର ଶୁଷ୍କ ହେଉନାହିଁ କେମିତି ? ଦେବର ଲକ୍ଷ୍ମଣ ତୁମର ଆସିଛନ୍ତି । କି ବାର୍ତ୍ତା ନେଇ ସେ ଅଯୋଧ୍ୟାରୁ ଆସିଛନ୍ତି । ତୁମେ କ'ଣ ତାଙ୍କ ସହିତ କଥା ହେବନାହିଁ ।

ପାଟି ଖୋଲିଥିଲେ ସୀତାଦେବୀ । କି କଥା ହେବି ମା ? କାହା ସହିତ କଥା ହେବି ? ଦଶବର୍ଷ ହେଲା ଯେଉଁ ସ୍ୱାମୀ ମୋତେ ତ୍ୟାଗ କରିଦେଇଛନ୍ତି, ଯେଉଁ ଦିଅର ମୋତେ ଏକାକିନୀ ଗର୍ଭବତୀ ଅବସ୍ଥାରେ ଏଠାରେ ବିସର୍ଜନ କରିଦେଇ ଯାଇଥିଲେ, ଦିନେହେଲେ ମୋ ଖବର ନେଇନାହାନ୍ତି, ମୁଁ କେମିତି ଅଛି, ମୋ ପିଲାମାନେ କେମିତି ଅଛନ୍ତି ସେ କଥା ପଚାରି ନାହାନ୍ତି, ତାଙ୍କ ସହିତ... ଆଉ କହିପାରିଲେ ନାହିଁ ସେ । ଲୁହ ସାଗର ତାଙ୍କର ଉଛୁଳି ପଡ଼ିଥିଲା ।

ସୀତାଦେବୀଙ୍କୁ ଏମିତି କାନ୍ଦୁଥିବାର ଦେଖି ଲକ୍ଷ୍ମଣ କାନ୍ଦିକାନ୍ଦି ତାଙ୍କ ପାଦତଳେ ପଡ଼ିଯାଇ କହିଥିଲେ, "ମୋ ଅପରାଧ କ୍ଷମା କରିବେ ଦେବୀ । ମୁଁ ନାଚର । ଜ୍ୟେଷ୍ଠଭ୍ରାତାଙ୍କ ଆଦେଶ ମୋ ପାଇଁ ଇଷ୍ଟାଦେଶ ତୁଲ୍ୟ । ତାଙ୍କ ବଚନ ରଖି ମୁଁ ଆପଣଙ୍କୁ ଏହି ସ୍ଥାନରେ ପରିତ୍ୟାଗ କରିଦେଇ ଯାଇଥିଲି । ଯିବାପରେ ଅନେକଥର ଏ ସ୍ଥାନକୁ ମୁଁ ଆସିବାପାଇଁ ଚାହିଁଛି, ହେଲେ ପାରିନାହିଁ । ଯେ ପର୍ଯ୍ୟନ୍ତ ମୋ ପ୍ରଭୁ ଶ୍ରୀରାମ ମୋତେ ନକହିଛନ୍ତି..."

ଲକ୍ଷ୍ମଣଙ୍କ ତୁଣ୍ଡର ଭାଷାକୁ ପୂର୍ଣ୍ଣ କରିବାକୁ ନଦେଇ ଦେବୀ ସୀତା କହିଥିଲେ, 'ତାହେଲେ ଆଜି ଆସିଲ କେମିତି ? କିଏ ତୁମକୁ ଏ ସ୍ଥାନକୁ ପଠାଇଛନ୍ତି ।'

ଜ୍ୟେଷ୍ଠଭ୍ରାତା

ଜ୍ୟେଷ୍ଠଭ୍ରାତା ଚମକି ଉଠିଥିଲେ ସୀତାଦେବୀ । ମୋ ପ୍ରଭୁ ଶ୍ରୀରାମ....

ହଁ ଦେବୀ ପ୍ରଭୁ ଶ୍ରୀରାମ ମୋତେ ଏ ସ୍ଥାନକୁ ପଠାଇଛନ୍ତି

ସେ ଭଲରେ ଅଛନ୍ତି ତ ଲକ୍ଷ୍ମଣ ? ତାଙ୍କ ଶରୀର କୁଶଳରେ ଅଛି ତ ?

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଦଶହରା ବକ୍ସିସ

## ଦିପ୍ତିମୟୀ ନାୟକ

ସବୁ ଦଶହରା ସମସ୍ତଙ୍କ ପାଇଁ ସମାନ ହୋଇନଥାଏ ତଥାପି ଦଶହରା ଆସିଲେ ଲୋକଙ୍କ ମନରେ ଯେତିକି ଉତ୍ସାହ ଥାଏ । ସେତିକି ବକ୍ସିସ ପାଇବାର ଲୋଭ ମଧ୍ୟ ରହିଥାଏ । ଏ ଲୋଭ କେବଳ ଏଥିପାଇଁ ଥାଏ ବର୍ଷଟା ଯାକରେ ସେ ଯେତିକି ରୋଜଗାର କରେ ସେତିକି ତା ପରିବାର ଚଳିବାରେ ଖର୍ଚ୍ଚ ହୋଇଯାଏ । ଅନ୍ୟ ମାନଙ୍କ ଆବଶ୍ୟକତାକୁ କିଛି ମାତ୍ରାରେ ମେଣ୍ଟେଇ ପାରେନି। ସେଥିପାଇଁ ସେ ବେଳେବେଳେ ଲୁଚି ଲୁଚି କାନ୍ଦେ ଅନ୍ୟ ମାନଙ୍କ ଆବଶ୍ୟକତାକୁ ମେଣ୍ଟେଇବା ପାଇଁ ପରିଶ୍ରମ କରେ କିନ୍ତୁ ବେଳେବେଳେ ତା ପରିଶ୍ରମକୁ ନା ତା ପରିବାର ବୁଝନ୍ତି ନା ତା ମାଲିକ । କିଛି ପରିବାରର ଲୋକେ କୁହନ୍ତି ଏତେ ବଡ଼ ଦଶହରା ହେଲା ତୁମେ ଆମ ପାଇଁ କରିଛ କଣ । ଗୋଟେ ଲୋକ କରିବ ତ କଣ କରିବ । ଯେଉଁଠି ଖଟୁଥିବା ମଣିଷ ଠିକ୍‌ରେ ନିଜ ଖାଇବା ଖାଇପାରେନି ଅନ୍ୟ ମାନଙ୍କ ପେଟ କଥା ଚିନ୍ତା କରେ । ସେତେବେଳେ ତା ପେଟ କଥା କଣ ତା ଭିତରେ କେତେ ଦୁଃଖ ଲୁଚି ରହିଛି କେହି କେବେ ବୁଝିବାକୁ ଚେଷ୍ଟା କରନ୍ତିନି । ତଥାପି ଦଶହରା ଆସିଲେ କିଛି ପରିବାରକୁ ଦୁଃଖ ମାଡିଆସେ । କାହିଁକି ନା ସବୁ ଦଶହରା ସମସ୍ତଙ୍କ ପାଇଁ ସମାନ ହୋଇନଥାଏ ।

ଠିକ୍ ସେମିତି ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଦଶହରା ଆସିଛି । ଆଉ ଏହି ଦଶହରା କାହାର କେମିତି କଟୁଛି ଲୋକଙ୍କ ମୁହଁକୁ ଦେଖି ଜାଣିପାରୁଛି । ଆଉ ଏମିତିରେ ମୁଁ ସେତିକି ଧନୀ ନୁହେଁ ଯେ ଲୋକଙ୍କୁ ବକ୍ସିସ ଦେଇ ସେମାନଙ୍କ ଆବଶ୍ୟକତା ପୂରଣ କରିପାରିବି କିନ୍ତୁ କିଛି ଲୋକ କୁହନ୍ତି ମୁଁ କାଳେ ସେମାନଙ୍କୁ ଯେଉଁ ୧୦୦/୫୦ଟଙ୍କା ବାଣ୍ଟେ ସେମାନେ କୁଆଡେ ଟିକେ ଖୁସି ପାଇଯାଆନ୍ତି । ସେ ଯାହାବି ହେଉ ସେହି ୧୦୦/୫୦ଟଙ୍କା ବାଣ୍ଟିବାରେ ମୋତେ ଯେଉଁ ଆନନ୍ଦ ମିଳୁଛି, ସେ ଆନନ୍ଦ ବୋଧେ ମୁଁ କେଉଁଠୁ ପାଇପାରିବିନି । ଆଉ ଏମିତିରେ ମୁଁ ଛୋଟବେଳୁ ଭାବେ ମୁଁ ବଡ଼ହେଲେ ଚାକିରୀ କଲେ ଯାହା ରୋଜଗାର କରିବି ତାର ଅଧା କିଛି ଲୋକଙ୍କୁ ଦାନ କରିବି । ଭଗବାନଙ୍କ ଦୟାରୁ ମୋତେ ଯେତିକି ମିଳୁଛି ମୁଁ ସେତିକିରେ ବହୁତ ଖୁସି । କେବଳ ଏଥିପାଇଁ ମୋ ପାଇଁ ବି କାହା ମୁହଁରେ ହସ ଫୁଟିପାରୁଛି । ଦଶହରା ଭେଟି ସମସ୍ତେ ସମସ୍ତଙ୍କୁ ଦେବା ଉଚିତ୍ । କେବଳ ଦଶହରା କାହିଁକି ବେଳେବେଳେ ଲୋକଙ୍କୁ ବିନା କାରଣରେ ଭେଟି ଦିଅନ୍ତୁ ଦେଖିବେ ସେମାନଙ୍କ ମୁହଁରେ ଗୋଟେ ହସ ପାଇବା ସହ ସେମାନଙ୍କ ଜୀବନର ଗୋଟେ ଗୋଟେ ନୂଆ କାହାଣୀ ଶୁଣିବେ।

ସେମିତି ଏକ ପରିବାରର କାହାଣୀ ଯେଉଁ କାହାଣୀ ଶୁଣି ମୁଁ କାନ୍ଦି ପକେଇଥିଲି । ବାଟରେ ଆସିଲାବେଳେ ଜଣେ ବୁଢା ମଉସା ଭିକ ମାଗୁଥାଆନ୍ତି ମୁଁ ତାଙ୍କୁ ୫୦ଟଙ୍କା ଦିଏ ଆଉ ସେ ଖୁସିରେ ଧରି ପକାନ୍ତି ଆଉ କୁହନ୍ତି ମା' ଦଶହରା ଆସିଛି କିଛି ବକ୍ସିସ ଦେବୁନୁ କି । ଏକଥା ଶୁଣି ମୁଁ ହସିଦିଏ ଆଉ କୁହେ କାହିଁକି ନୁହେଁ ନିଅନ୍ତୁ ୧୦୦ଟଙ୍କା । ସେହିଠୁ ସେହି ମଉସା ଜଣକ ହସି ଦିଅନ୍ତି ପଇସାକୁ ଧରି କାନ୍ଦି ପକାନ୍ତି । ଆଉ ମୁଁ କୁହେ ମଉସା କଣ ହେଲା ଆପଣ କାନ୍ଦିଲେ କାହିଁକି । ସେ କହିଲେ ମା' ଏତେବଡ ଦଶହରା ଆସିଛି ହେଲେ ମୋ ଭାଗ୍ୟ ବଦଳିନି । ମୁଁ କାଲିବି ଭିକ ମାଗୁଥିଲି ଆଉ ଆଜିବି ଭିକ ମାଗୁଛି । ଛୋଟବେଳେ ଦଶହରା ଆସିଲେ ଭଲ ପୋଷାକ ପିନ୍ଧିବା ପାଇଁ ବାପାଙ୍କ ପାଖରେ ଅଳି କରୁଥିଲି । ଆଉ ମୁଁ ଗୋଟେ ବାପା ହେବାପରେ ପିଲାଙ୍କ ଅଳି ସହିଲି ନିଜେ ଖଟିଲି ସେମାନଙ୍କୁ ଭଲ ପୋଷାକ ଦେଲି । ବଡ଼ ମଣିଷ କଲି ସେମାନେ ମୋତେ ବଡଦାଣ୍ଡରେ ନୁହେଁ ରାଜରାସ୍ତାରେ ଛାଡି ଦେଲେ । ଆଜି ମୁଁ ବଞ୍ଚିବା ପାଇଁ ସଂଘର୍ଷ କରୁଛି, କିଛି ଖାଇ କିଛି ଅନ୍ୟକୁ ଖାଇବାକୁ ଦେବାପାଇଁ ଚେଷ୍ଟା କରୁଛି। ସେଇଠୁ ମୁଁ କହିଲି ବହୁତ ବଢିଆ କଥା କିନ୍ତୁ ଆପଣ ନିଜେ ଖାଇ ଅନ୍ୟକୁ କେମିତି ଖୁଆଇବେ ଆପଣ ତ ରାସ୍ତା କଡରେ ରହୁଛନ୍ତି । ତାହାଲେ ଏମିତି କଣ କହୁଛନ୍ତି। ମଉସା ଜଣକ କହିଲେ ଆଲୋ ମା', ମୁଁ ଜଣେ ବାପ । ମୋତେ ସିନା ମୋ ପିଲା ପର କରିଦେବେ କିନ୍ତୁ ମୁଁ କଣ ମୋ ପିଲାଙ୍କୁ ପର କରିଦେବି କି । ମୁଁ ସେମାନଙ୍କୁ ପର କରିପାରିବିନି । ସେଥିପାଇଁ ମୋର ବଳ ବୟସ ଗଲେ ମଧ୍ୟ ମୁଁ ଭିକ ମାଗୁଛି । ସେହି ପଇସାରୁ କିଛି ପଇସା ସଞ୍ଚୟ କରି ମୋ ନାତି ଟୋକାକୁ ଭେଟ ହୋଇ ଦେଉଛି। ସେ ନାତି ଟୋକା ଛୋଟଟି ହେଲେବି ଭାରି ଦୁଷ୍ଟ । କହୁଛି ଜେଜେ, ତମେ ଘରକୁ ଆସୁନ, କାହିଁକି ମୋ ସ୍କୁଲ ପାଖକୁ ଆସି ମୋତେ ପଇସା ଦେଉଛ । ସତ କହିବାକୁ ଗଲେ ସବୁବେଳେ ସମସ୍ତେ ମୋର ବହୁତ ମନେ ପଡନ୍ତି । କିନ୍ତୁ ସେମାନେ ମୋତେ ସେତେବେଳେ ମନେ ପକାନ୍ତି ଯେତେବେଳେ ସେମାନଙ୍କ ଅର୍ଥ ଆବଶ୍ୟକତା ପଡେ । ଆଉ ଜାଣିଛୁ ମା' ଗୋଟେ କଥା କହିବି । ଛୋଟବେଳେ ନା ମୁଁ ବହୁତ ଅବୁଝା ଥିଲି । ମୋ ବାପା ଯେତେବେଳେ ଚାକିରୀ କରୁଥିଲେ ସେତେବେଳେ ଆମ ଘର ଚଳିବା ବହୁତ କଷ୍ଟକର ଥିଲା । ମୋ ବୋଉ ମୋତେ ବୁଝାଏ ପୁଅ ଏତେ ଅବୁଝା ହଅନି । ଦଶହରା ଆସୁଛି ତୋ ବାପା ବକ୍ସିସ ପାଇବେ । ସେହି ପଇସାରେ ତୋ ପାଇଁ ନୂଆ ଡ୍ରେସ କିଣେଇଦେବି । ତୋ ବାପା, ତୁ ମୁଁ ଭୁବନେଶ୍ୱର ସାରା ପ୍ରତିଟି ମେଢ଼ ଦେଖିବା । ଆଉ ଯେତେବେଳେ ଦଶହରା ଆସେ ମୋ ବାପାଙ୍କ ମାଲିକ ବାପାଙ୍କୁ ବକ୍ସିସ ଦିଅନ୍ତି । ସେତେବେଳେ ମୋ ବାପା ସେହି ବକ୍ସିସ ପଇସାରେ ମୋ ପାଇଁ ନୂଆ ପୋଷାକ ଆଉ ମୋ ବୋଉ ପାଇଁ ଶାଢି କିଣନ୍ତି କିନ୍ତୁ ସେ ତାଙ୍କ ନିଜ ପଇସାରେ ନିଜେ ନୂଆ ପୋଷାକ ପିନ୍ଧନ୍ତିନି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# କବିତା...

## ସଂସାରର ଶେଷ ଶ୍ଳୋକ

### ନକୁଳ ଚନ୍ଦ୍ର ସାହୁ



ଛଳନା ଲେଖିଚି
ମାୟାର କାଳିରେ ମହିରାବଣର କବିତା
ଏମିତି କେମିତି
ମିଛ ହେଇଗଲା ଜୀବନଟା ?

ଦେହର
ଦେଉଳରେ ବିଦ୍ୟମାନ
ଅସୀମ ସତ୍ତା
ଅମୃତର କର୍ତ୍ତା ? ଆତ୍ମାର ଅଭୀପ୍ସା

ପରିବର୍ତ୍ତନର
ବାର୍ତ୍ତା ଲେଖିଚି ବାସ୍ତବତା
କେଉଁ ଲକ୍ଷ୍ୟ, କାହାର ପାହାଚ
ଲଭିଚି ପ୍ରତିଷ୍ଠା ? ଆଧ୍ୟାତ୍ମିକତା

ପଛକୁ ଘୁଂଚିଆସ, ବର୍ତ୍ତମାନ !
ନିଂବ ଗଛରେ ପ୍ରଚୁର ଫୁଲ ଫୁଟିଚି
ନିଂବ ଫଳ ପାଚିଛି
ଦେହ ଗାଉଛି ମୃତ୍ୟୁର କବିତା !

ଅଂତର୍ଚେତନା ସ୍ୱପ୍ନ ଦେଖୁଚି
ସ୍ୱପ୍ନଟି ଭ୍ରାଂତି
ସନେଟ୍ ନୁହେଁ, ଜୀବନଟି ପ୍ରୋଜ୍
ଲେଖ ତାକୁ ଲେଖ, ଅଲେଖ !

ବହିର ଫର୍ଦ୍ଦ ଟପି
ବାହାରି ଆସିବ ଏଥର ଜଣେ କାଳେସୀ !

♥ ଶବ୍ଦ ଘର, ଗୋଡ଼ିସାହି, କଟକ
ମୋ: ୯୪୩୭୭୪୦୨୬୪

## କଥା ଦେଇଥିଲେ

### ମମତା ଦାଶ



କଥା ଦେଇ ସେ କଥା ରଖିଲେ ନାହିଁ।
ବିଦାୟ ନନେଇ ଚାଲିଗଲେ ହଠାତ୍।
ଥରଟିଏ ବି ମୁହଁ ଫେରାଇ ଚାହିଁଲେ ନାହିଁ।
ଅଥଚ କେତେ କଣ ଘଟିଗଲା
ସେ ଗଲା ପରେ ପରେ।

କେହି ଜଣେ ମାନମୟୀର ବେଣୀ ବନ୍ଧା
ଅଧା ହୋଇ ରହିଗଲା ହୁଏତ।
ଫୁଲ ତୋଳୁ ତୋଳୁ ସଖୀର ଆଙ୍ଗୁଠିରେ
କଣ୍ଟା ଫୁଟିଗଲା ଯେ
ରକ୍ତ ଜରଜର ହେଲା ଗୋଲାପ ପାଖୁଡା।
ଅଳପ ପବନରେ ବି ସେତିକି ବେଳେ
ଉଚ୍ଚ ତାଳ ଗଛରୁ ଖସି ପଡିଲେ କେତେ
ବାୟା ଚଢେଇ ବସା।

ପର୍ବତ ଖୋଲରୁ ଓହ୍ଲାଇ ଆସୁଥିବା
ନିର୍ଝର ପୁଣି ଜମିଗଲା ପଥର ଖୋଲରେ।

ସେତିକି ବେଳେ କଣ
ଆମଘରର ନାମ ଫଳକ
ଧୋଇଗଲା ସାମାନ୍ୟ ବର୍ଷା ପାଣିରେ ?

ତରବର ମୁଁ ଦୌଡ଼ି ଗଲି
କେବଳ ଚନ୍ଦ୍ରମାଟିରେ ଗଢ଼ା
ଆମ କୋଠରୀ ଭିତରକୁ।
ସାକ୍ଷୀ ଥିଲା ନା ସେ ?
ସାକ୍ଷୀ ଥିଲେ ମୋର ଲାଜ ରଙ୍ଗର ଶାଢ଼ୀ,
ଦେହ ରଙ୍ଗର ମୋହ ରଙ୍ଗର
ଅଳଙ୍କାର ମୋର ?
କାନ୍ଥର ଘଣ୍ଟା ସାକ୍ଷୀ ଥିଲେ
ସାକ୍ଷୀ ଥିଲେ ଅନ୍ଧାରର ଗୁହା

ଗୁହାର ଶେଜ, ଆମ ହୃତ୍‌ପିଣ୍ଡର ଶବ୍ଦ ?

ଅଥଚ ମୁଁ ଯେତେବେଳେ
ଆକୁଳ ହୋଇ କହିଲି
'ଫେରାଇ ଆଣ ତାଙ୍କୁ'
ସେମାନେ ନିର୍ବାକ୍ ହୋଇ
ରହିଗଲେ ଏମିତି,
ଆମର ଏକତ୍ର ଜୀବନରେ
ସେମାନଙ୍କର ଦାୟ ନଥିଲା ସତେକି।

ଠିକ୍ ଅଛି।
ମୋର ବି ଡେରି କରିବାର ନାହିଁ।
କେଉଁ ଅଚିହ୍ନା ପ୍ଲାଟଫର୍ମରୁ ଶେଷ ଟ୍ରେନଟି
ଛାଡିବାର ଅଛି ପରା, ଦେଖିବାକୁ ହେବ
ଖୁବ ଶୀଘ୍ର ବସି ଯିବାକୁ ହେବ ସେଥିରେ।

ଗୋଟିଏ କୋମଳ ପ୍ରତିଶ୍ରୁତି
ଗଢ଼ା ଓ ଭଙ୍ଗା ହୋଇଥିବାର
ଛିନ୍‌ଛତ୍ର ସମୟଟି ଛଡା
ଆଉ କିଛି ବି କିଛି
ନେବାର ନାହିଁ ମୋ ସାଙ୍ଗରେ।

♥ ଭୁବନେଶ୍ୱର
(ମୋ) ୯୪୩୮୧୦୬୩୧୭

## ପଥପ୍ରାନ୍ତ

### ଜ୍ଞାନେନ୍ଦ୍ର କୁମାର ପଣ୍ଡା



ମୋ ପାଖରେ ତା' ସବୁ ଚିଠିର ଉତ୍ତର ଥିଲା ।

ଗୋଟିଏ ଚିଠିରେ ସିଏ ପଚାରେ...'ଜୀବନଟା କଣ ?'
ମୁଁ ଲେଖେ... 'ଜଣେ ଆଜୀବନ ସାମ୍ନାରେ ଥାଇ ବି ମିଳେନାହିଁ
ସେମିତି ଏକ ଅପେକ୍ଷାରେ ବିତୁଥିବା ସମୟ ହିଁ ଜୀବନ ।'

ସେ ପୁଣି ଚିଠି ଲେଖି ପଚାରେ, 'ତୁମେ କେମିତି ଜାଣିଲ
ଆଜି ଶାଢି ପିନ୍ଧି ପାର୍କ ଗଲାବେଳେ
କାରୋଲିନାର ପରଫ୍ୟୁମ୍ ଲଗେଇଥିଲି ବୋଲି ?'
ମୁଁ ଲେଖେ, ଆମେ ଦୁହେଁ ସେଇ ଗୋଟିଏ ପୃଥିବୀରେ ହିଁ ନିଶ୍ୱାସ ନେଉ ।

ସେ କୁହେ, 'ଆଜିକାଲି ଟିଭି ଦେଖୁଛ କି ନାହିଁ
ବନ୍ୟାରେ ଅସଂଖ୍ୟ ଲୋକଙ୍କ ପ୍ରାଣହାନିର ଖବର ।'
ମୋ ଭିତରେ ଭାବାନ୍ତରକୁ ନେଇ ମୁଁ ଲେଖୁଥାଏ...
ହଁ ଯେବେ ତୁମକୁ ଭାବିବସେ
ତୁମ ମନସ୍କତାର ପିଚ୍ଛିଳ ସମୟରେ ଖସରିପଡ଼େ ମୁଁ
ପ୍ରାୟତଃ ବୋଲ ମାନନ୍ତିନାହିଁ ପାଦ ମୋର
ତୁମେ ମୋ ପାଇଁ କେଦାରନାଥର ଭୀଷଣ ବନ୍ୟା ପାଲଟିଯାଅ ।

ଏଥର ବେଶ କିଛିଦିନର ବ୍ୟବଧାନ ପରେ ତା' ଚିଠି ଆସେ
କାଗଜର ବନ୍ଦ ଖୋଳ ଭିତରେ ପକ୍ଷୀର
ଫଡ଼ ଫଡ଼ ଡେଣା ପରି ଶୁଭୁଥାଏ ମାନ ଅଭିମାନ, କେତେ
ଅଲିଭା ଅଶ୍ରୁର ହାହାକାର
ମେଘା ମିଶ୍ର ପଚାରେ ମୋତେ, 'ମୋ ନାଁ ତୁମର ମନେଅଛି ତ ?'

ଆଜିକାଲି କେତେ କ୍ଷୋଭ ଜନ୍ମ ନିଏ ତୁମ ପ୍ରଶ୍ନରେ
ମୁଁ ତ ତୁମକୁ ମୋ ଅନ୍ତିମ ନିଶ୍ୱାସ ବି ଦେଇଦେବାକୁ ଚାହେଁ

ତୁମେ ମୋର ଚିଠିରେ ଥିବା ଉତ୍ତର ସବୁ
କେବେ ପଢୁଛ କି ନାହିଁ କେଜାଣି !
ମୁଁ ଲେଖେ, 'ଆମେ ଦୁଇଜଣ ସେଇ ଏକ ହିଁ
ଆମ ଦୁହିଁଙ୍କ ନାଁ କେବଳ ଅଲଗା ଯାହା ।'

ମେଘା ମିଶ୍ର, ତୁମେ ଏତେ ଉଦାସ କାହିଁକି ରୁହ ?
ତୁମ ସୌନ୍ଦର୍ଯ୍ୟର ସରଳତାରେ ଅନେକ ମୁଗ୍ଧ ହୋଇ ଜୀଉଁଛନ୍ତି
ତୁମେ କେବେ ନିଜ ଭିତରେ ଆତ୍ମମୁଗ୍ଧ ହୋଇ ଜୀଇଁବା ଶିଖିବ ?

ଏବେ ଆଉ ତୁମ ଚିଠି ଆସେନାହିଁ
ଜଣାନାହିଁ, ତୁମକୁ ମୁଁ କଣ ଅବା ବୁଝାଇ ପାରିଲି ଏ ଜୀବନେ
ହଁ, କେବେ କେବେ କିନ୍ତୁ ତୁମ ଚିଠିର ପ୍ରଶ୍ନ ସବୁ
ମୋର ଆହୁରି ଇଚ୍ଛାହୁଏ ପଢ଼ିବାକୁ
ଅଚାନକ ମୁଁ ଆଘ୍ରାଣ କରିପାରେ ସହରର ପବନରୁ
ପୂର୍ବାପେକ୍ଷା ଅଧିକ ତୁମର ବିମୁଗ୍ଧପଣ ।
ମୁଁ ଫେରିଆସେ ହାତରେ ଚିଠିଟେ ଧରି
ତୁମ ପ୍ରଶ୍ନର ଉତ୍ତର ଲେଖିବାକୁ ମୋତେ ଖୁବ୍ ଭଲଲାଗେ ।

♥ ସଲ୍ଟରୋଡ, ସୁନ୍ଦରୀ,ସୁନହଟ, ବାଲେଶ୍ୱର-୨

## ପ୍ରତିବିମ୍ବ ହଜିଯାଏ ଗୋଟିଏ ଦୀର୍ଘଶ୍ୱାସରେ

### ସୁଶୀଲ କୁମାର ପାଣିଗ୍ରାହୀ



ଆକାଶ
ଓହ୍ଲାଇ ଆସେନା ତଳକୁ
ତାକୁ ଛୁଇଁବା ସହଜ ନୁହଁଇ
ରାତିକରେ ଗଜୁରି ଉଠେନା ବି
ଦୁଇଟି ଡେଣା।

ଅନ୍ଧାର ଭର୍ତ୍ତି କୂଅରେ
ଖସିପଡେ ନାହିଁ ଜହ୍ନ
ବିନ୍ଦୁଏ ବିନ୍ଦୁଏ ଆଲୁଅ ଲାଗି
ହାଡକୁ ହାଡ ଘଷିବାକୁ ପଡେ
ସେଇ ଆଲୁଅର ପାଖୁଡା ମିଶିଲେ
ଫୁଟେ କଇଁଫୁଲ।

ପାହାଡ
ସେମିତି କଣ ହେଇଥାଏ
ଯେମିତି ଆଙ୍କିଥାଏ ନଈ ?

ସୌନ୍ଦର୍ଯ୍ୟମୟୀ ଏଥିଲାଗି ଯେ
ସମୟ ସହ, ନିଜ ସହ ଲଢିବାରେ
ପାରି କରିସାରିଛି ବହୁ ଶତାବ୍ଦୀ।

ପାରୁଛ ଯଦି ଚଢିଯାଅ
ବିମ୍ବିତ ବୃକ୍ଷର ସବା ଉପର ଡାଳକୁ
ଭାଙ୍ଗିଯିବ ତୁମ ଭ୍ରମ
ବୁଝିଯିବ ଥାଏ ନ ଥାଏର
ବାସ୍ତବ ଜୀବନ।

ହଁ ବୁନ୍ଦାଏ ରକ୍ତରେ
ଯଦି ଦେଖିପାରୁଛ ଲହରୀ ସହିତ
ଖେଳୁଥିବା ଉଲ୍ଲାସେ
ଗୋଟିଏ ଶାଗୁଆ କ୍ଷେତ, ଏହା ସତ।

♥ କଲ୍ୟାଣୀ ରେସିଡ଼େନ୍ସି
ଫ୍ଲାଟ-୨୦୩, ଜଲାନ ଗଳି
ସମ୍ବଲପୁର-୨
(ମୋ) :୮୧୪୪୨୨୮୨୦୨

## ପାଉଁଶତଳର ସ୍ମୃତି

### ଯୋଗେଶ ଦାସ



କଡ଼ ପରେ କଡ଼ ଲେଉଟି ଚାଲିଲି
ଜମା ନିଦ ହେଲା ନାହିଁ,
ଥାକ ପରେ ଥାକ ଖୋଜି ମୁଁ ଚାଲିଲି
ନିଦ ଓଷଦଟା ପାଇଲି ଅବା ମୁଁ କାହିଁ !

ଦୂର ଦ୍ରାଘିମାରୁ ମାଡିଆସୁଥିଲା
ଦୈତ୍ୟ ଯେମିତି ଝଡ଼,
ତୁମରି ସ୍ମୃତିର ସୁନାଫରୁଆକୁ
ମୋ ଭିତରେ ପଶି, କରିବାକୁ ଗଡ଼ଗଡ଼ !

ଭୟରେ ଭାଙ୍ଗି ପଡୁଥିଲି ନିଜେ
କରିବି କି ପଳାୟନ,
ହାତ ପାଆନ୍ତାରେ ଖୋଜିପାଇଗଲି
ତମର ଗୋଟିଏ ଗଳ୍ପ ସଂକଳନ !!

ଏକପରେ ଏକ ପୃଷ୍ଠା ଓଲଟିଲି
ଏ କି ଅନୁଭବ ସତେ,
ପ୍ରତି ପୃଷ୍ଠାରେ ତମେଇ ତ ଥିଲ
ଅକ୍ଷର ଅବା, ଶବ୍ଦ ନଥିଲା ମୋତେ !

ଦିଶିଯାଉଥିଲା ଚୂର୍ଣ୍ଣ କବରୀ
ନିରୀହ ନିଟୋଳ ଆଖି,
ଓଠ ପାଖୁଡାରେ ଅଳ୍ପହସର
ଲାଜମିଶା ନାଲି ଗୋଲାପ କି ଥିଲା ଲାଖି !

ତମ ସେ ଲଳିତ- ବାହୁମେଖଳାରେ
ବନ୍ଦୀକର ଗୋ ମୋତେ,
ତମେ କି ଜାଣୁନ ସାଥୀହରା ହେଇ
ଏକାଏକା ଏଠି, ଜୀଇଁବା କଷ୍ଟ କେତେ !

ତମେ ତ କହିଲ ଚୁପ୍ ଚାପ୍ ଏବେ
ଶୋଇପଡ଼ ମୋର ଧନ,
କାଲି ରାତି ପୁଣି ନିଶବଦ ହେଲେ
ଏମିତି ଆସିବି, ମୋ ରାଣ ପ୍ରିୟତମ !

ଦୀର୍ଘଶ୍ୱାସର ଫର୍ଦ୍ଦରେ କିଛି
ଅଜାଡିଦେଲି ମୋ କୋହ,
ରାତିପରେ କାଲି ସକାଳ ଦେଖିବ
ସ୍ପନ୍ଦନହୀନ, ନିଥର ଗୋଟିଏ ଦେହ !!

♥ ଶୂନ୍ୟନୀଡ଼, ସୋର, ବାଲେଶ୍ୱର
ମୋ: ୮୨୬୦୬୯୭୮୭୮

# ମୂଲ୍ୟବୋଧ ଛାଡ଼ି ମୂଲ୍ୟ ଉପରେ ଜୋର ଦେଲେ ଜୀବନ ଅନ୍ଧକାର ପାଲଟିଯାଏ :ସିଦ୍ଧେଶ୍ୱର ପଣ୍ଡା

**ସିଦ୍ଧେଶ୍ୱର ପଣ୍ଡା** ଓଡ଼ିଆ ସାହିତ୍ୟ ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ଏକାଧାରରେ ଜଣେ କବି, ଗାଳ୍ପିକ, ପ୍ରାବନ୍ଧିକ ଓ ସୁବକ୍ତା । ତାଙ୍କ ଲେଖାରେ ଦୃଶ୍ୟମାନ ହୁଏ ଯେଉଁ ଜୀବନ ଜିଜ୍ଞାସା, ତାହା ତାଙ୍କୁ ଜୀବନବାଦୀ ଲେଖକ ଭାବେ କରାଏ ଚିହ୍ନିତ । ଅନୁଭବ ହିଁ ତାଙ୍କର ସର୍ଜନଶୀଳତାର ମୂଳମନ୍ତ୍ର । "ସାହିତ୍ୟ ଜୀବନର କଥା କହେ, ସମାଜର କଥା ଶୁଣାଏ ଓ ମାନବ ଜାତିର ସଭ୍ୟତା, ସଂସ୍କୃତିକୁ ମଧ ଦର୍ଶାଇଥାଏ " ବୋଲି କହୁଥିବା ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଅପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ଠିକ୍‌ସେ ଜାଣିନି ! ବୋଧହୁଏ ଘର ସମ୍ମୁଖରେ ବହିଯାଉଥିବା ନଦୀ ସୁବର୍ଣ୍ଣରେଖା, ତା କୂଳରେ ସବୁଜ ପରିବେଶ, ଭାସୁଥିବା ମେଘମାଳା, ପକ୍ଷୀର କାକଳି, ବିଲୁଆଙ୍କ ହୁକେ-ହୋ, ମାଟିର ମହକ, ମଧୁର ପବନର ବାସ୍ନା ଇତ୍ୟାଦି ଦୃଶ୍ୟାବଳି ଦେଖିଲେ ମୋ ଭିତରେ ଅସ୍ଥିରତା ସୃଷ୍ଟି ହୁଏ । ଛାତିରେ କ'ଣ ଗୋଟେ ରକ୍ ରକ୍ କରେ, ଭିତରେ ଭିତରେ ଆଉଟୁ ପାଉଟୁ ହେବା ସହିତ ଘାଣ୍ଟି ଚକଟି ଯାଏ। ଏଇ ସବୁ ବିଭିନ୍ନ ଅନୁଭୂତି ଅନୁଭବର ଅଭିବ୍ୟକ୍ତି ହିଁ କବିତା ଲେଖିବାକୁ ଉସ୍କାଏ। କବିତା ଆସେ ତା' ଇଚ୍ଛାରେ ତାକୁ ଅଟକି ରଖିବାକୁ ମୁଁ କିଏ ନା ଅନ୍ୟ ବି କିଏ.... ?

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଷଷ୍ଠ ଶ୍ରେଣୀରେ ପଢ଼ିଲାବେଳେ ମୋର ଓଡ଼ିଆ ଶିକ୍ଷକ ସ୍ୱର୍ଗତ ଯଜ୍ଞେଶ୍ୱର ସେଠୀ ମହାଶୟ କବିତା ସମ୍ପର୍କରେ କେତେ ପ୍ରକାର ଉଦାହରଣ ଦେଇଥିଲେ। ସାର୍ କଲମ ଦେଖାଇ କହିଲେ ଯେ କଲମ ଉପରେ ଗୀତଟିଏ କିଏ ଲେଖିପାରିବ ? ମୁଁ ଲେଖିଥିଲି: "ଝରିଝରି ପଡ଼େ / ଝର କଲମଟି ଲେଖିବାକୁ ଜମା / ବଳୁନି ମନଟି !"

ଏ ଧାଡ଼ି ଦୁଇଟି ପଢ଼ି ସାର୍ କହିଲେ ବାଃ ସୁନ୍ଦର ହୋଇଛି ଗୀତି କବିତାଟି ! ସାର୍ ନିଜେ ଲେଖା ଲେଖି କରୁଥିଲେ। ତାଙ୍କ ସଂସ୍ପର୍ଶରେ ଆସି ମୁଖ୍ୟତଃ ପ୍ରଭାବିତ ହେବା ସହିତ ମୋ ପାଇଁ ପ୍ରେରଣାର ଉତ୍ସ କେବଳ ସାର୍ ହିଁ ଥିଲେ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମେ ପ୍ରବେଶର ଅନୁଭୂତି ? ଏ ପର୍ଯ୍ୟନ୍ତ ସୁଦ୍ଧା ଆପଣଙ୍କ କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କ ପ୍ରିୟ ଓ କାହିଁକି ?

■■ ସାହିତ୍ୟ ଜଗତରେ ପ୍ରବେଶ ମୋ ପାଇଁ ପ୍ରଚୁର ଉତ୍ସାହପୂର୍ଣ୍ଣ ଥିଲା। ଏଯାବତ୍ ଚାରିଗୋଟି କବିତା ପୁସ୍ତକ ପ୍ରକାଶ ପାଇଛି। କେଉଁ ବହିଟି ପ୍ରିୟ କହିବା କାଠିକର। ଅବଶ୍ୟ "ଦୁଲିଆପଡ଼ା ହାଟର ଲୋକମାନେ" ପୁସ୍ତକଟି ମୟୂରଭଞ୍ଜ ପୁସ୍ତକ ମେଳା ପୁରସ୍କାର ପାଇଛି। ହୁଏତ ଏହା ପାଠକଙ୍କ ପାଇଁ ପ୍ରିୟ ହୋଇପାରେ। ମାତ୍ର ମୋ ପାଇଁ କୋଉ ବହି ପ୍ରିୟ ଠିକ୍‌ସେ କହିପାରିବିନି !

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚି ପାରିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟ ଅତ୍ୟନ୍ତ ଉଚ୍ଚମାନର। ସାରଳା ଦାସ, ବଳରାମ ଦାସ, ଗଙ୍ଗାଧର ମେହେର, ଫକୀର ମୋହନ, ସଚ୍ଚି ରାଉତରାୟ, ରମାକାନ୍ତ ରଥ ଓ ପ୍ରତିଭା ରାୟ ଆଦିଙ୍କ ପ୍ରମୁଖ ଲେଖା ସାହିତ୍ୟର ଉଚ୍ଚାଙ୍ଗମାନ ରକ୍ଷା କରିବା ସହିତ ଯୁବପିଢ଼ିଙ୍କ ଲେଖା ସବୁ ମଧ୍ୟ ଚମତ୍କାର ! ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା ଓ ଭବିଷ୍ୟତ ଉଜ୍ଜ୍ୱଳ ଏଥିପାଇଁ ମୁଁ ପ୍ରବଳ ଆଶାବାଦୀ। ଲେଖକ ଓ ପାଠକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଇଂଟରନେଟ୍ ଯୁଗରେ ସବୁକିଛି ସକ୍ରିୟ ଓ ସହଜ ହୋଇପାରୁଛି। ମୋବାଇଲ୍ ଫୋନ୍ ପାଇଁ ଲୋକେ କବିତା ଗଳ୍ପ ଆଜି ସହଜରେ ପଢିପାରୁଛନ୍ତି। ଲୋକଙ୍କ ପାଖରେ ସାହିତ୍ୟ ପହଂଚିବାର ମୂଳ କାରଣ ସାଧାରଣ ଲୋକଙ୍କ ଜୀବନର ସୁଖ ଦୁଃଖ, ସାମାଜିକ ଘଟଣାକୁ ଲୋକଙ୍କ ପାଖରେ ପହଂଚାଇବା ଦରକାର। କାରଣ ସାହିତ୍ୟ ଓ ଜୀବନ ଗୋଟାଏ ମୁଦ୍ରାର ଦୁଇଟି ପାଖ। ସାହିତ୍ୟକୁ ଘୃଣା କରି କେହି ଜୀବନକୁ ଦେଖିପାରେ ନାହିଁ। ସାହିତ୍ୟ ଜୀବନର କଥା କହେ, ସମାଜର କଥା ଶୁଣାଏ ଓ ମାନବ ଜାତିର ସଭ୍ୟତା, ସଂସ୍କୃତିକୁ ମଧ ଦର୍ଶାଇଥାଏ।

■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ, ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇପାରିବ କି ?

■■ ଲେଖକମାନେ ଏବେ ପ୍ରାୟ ନୀରବ ରହୁଛନ୍ତି ବିଭିନ୍ନ କାରଣରୁ। ଲେଖକମାନେ ଦାୟିତ୍ୱବୋଧ ପ୍ରତି ଯତ୍ନଶୀଳ ହେବା ଦରକାର। ସମସ୍ତଙ୍କର ମାତୃଭାଷା ପ୍ରୀତି ରହିବା ଏକାନ୍ତ ଆବଶ୍ୟକ। ଭାଷାପ୍ରୀତି ଦ୍ୱାରା ମାତୃଭାଷା ସଙ୍କଟ ଦୂର ହୋଇପାରିବ। "ମାତୃଭୂମି ମାତୃଭାଷାର ମମତା ଯା' ହୃଦେ ଜନମି ନାହିଁ, ତାକୁ ଯଦି ଗୁଣୀ ଜ୍ଞାନୀରେ ଗଣିବା ଅଜ୍ଞାନ ରହିବେ କାହିଁ !" 'ଯେତେ ଭାଷା ତମେ ଶିଖୁଛ ଶିଖ, ନିଜ ମାତୃଭାଷା ମହତ ରଖ।' ମୂଲ୍ୟବୋଧ ଛାଡ଼ି ମୂଲ୍ୟ ଉପରେ ଜୋର ଦେଲେ ଜୀବନ ଅନ୍ଧକାର ପାଲଟିଯାଏ। ଏହା ଛଡ଼ା ଇଂରାଜୀ ଭାଷାର ଜୁଲମ୍ ଆଙ୍ଗିକ ଆତ୍ମିକ ଭାବରେ ପ୍ରାୟତଃ ସରକାରୀ ସ୍ତରରେ ହ୍ରାସ ପାଇନାହିଁ। ଇଂରାଜୀ ମିଡିୟମ୍ ସ୍କୁଲରେ ପିଲାଙ୍କୁ ପଢ଼ାଇବାର ଆଗ୍ରହକୁ ଦମନ କରିବା ଦରକାର। ଘରେ ବାହାରେ ସବୁଠି ମାତୃଭାଷାର ବ୍ୟବହାର ନିତାନ୍ତ ଆବଶ୍ୟକ। ଫଳରେ ଭାଷାର ସଙ୍କଟ ଦୁରେଇଯିବ।

■ ଭଲ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ବଦଳାଇବା ସମ୍ଭବ କି ?

■■ ଯେଉଁ କବିତା ଜୀବନର ଗୀତ ଗାଏ ମାନବୀୟ ମୂଲ୍ୟବୋଧରେ, ମଣିଷର ଅନ୍ତର୍ଦାହ ଭିତରେ ଖୋଜିପାଏ ମଣିଷ ପଣିଆର ସଂଜିବନୀ ସୂତ୍ର ଓ ହୃଦୟକୁ ସ୍ପର୍ଶ କରିଥାଏ ତଥା ମନରେ ଆନନ୍ଦ ସଂଚାର କରେ ତାହା ହିଁ ଭଲ କବିତା...। ସାହିତ୍ୟ ବିନା ଜୀବନର କୌଣସି ଅର୍ଥ ନାହିଁ। ସାହିତ୍ୟ ଜୀବନକୁ ସଜାଡ଼େ, ନୂତନ ଦିଗ୍‌ଦର୍ଶନ ଦେବା ସହିତ ଲେଖକମାନଙ୍କର ମାର୍ଗଦର୍ଶନ ସଭିଙ୍କୁ ନିଶ୍ଚିତ ଭାବରେ ମାନସିକତାର ରୂପାନ୍ତର କରାଇଥାଏ।

■ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ମୁଁ ନିଶ୍ଚିତ ଭାବେ ଆଶାବାଦୀ। ଏବେ ଯଦିଓ ଇଂରାଜୀ ଭାଷାର ପ୍ରଚଳନ ସବୁଠି କମ୍ ବେଶୀ ଚାଲିଛି, ସରକାରୀ ସ୍ତରରେ ଗୁରୁତ୍ୱ କମ୍ ଓ ଭାଷାପ୍ରୀତି ମଧ ଅନେକଙ୍କ ମଧ୍ୟରେ ରହିଛି। କେବଳ ଓଡ଼ିଆ ଅସ୍ମିତାର ଭାଷଣବାଜି ଚାଲିଛି। ତଥାପି ଓଡ଼ିଆ ଭାଷାର ଉଜ୍ଜ୍ୱଳ ଦିଶା ରହିଛି ଓ ଭାଷାର ଭବିଷ୍ୟତ ନିଃସନ୍ଦେହରେ ଅଲୋକିତ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧମରେ କେଉଁ କଥାଟି ସମସ୍ତଙ୍କ ପାଖରେ ପହଂଚୁ ବୋଲି ଆପଣ ଚାହିଁବେ ?

■■ ଲେଖକର ପୁରସ୍କାର ନୁହଁ, ଲେଖାର ପୁରସ୍କାର। ପୁରସ୍କାର ଏକ ପ୍ରେରଣାର ଉତ୍ସ। କେବଳ ପାଠକମାନେ ଲେଖାର ମୂଲ୍ୟବୋଧ ବୁଝିଲେ ହିଁ ଯଥେଷ୍ଟ। ପାଠକୀୟ ଆଦୃତି ହିଁ ଲେଖକର ବଡ଼ ପୁରସ୍କାର। ସାହିତ୍ୟ ସମାଜର ହିତ ସାଧନ କରିବା ସହିତ ପ୍ରତ୍ୟେକ ମନୁଷ୍ୟ ଓ ପାଠକର ଚେତନା ଚିନ୍ତାଧାରାକୁ ସମୃଦ୍ଧି କରିଥାଏ। ଏଣୁ ସାହିତ୍ୟର ଅଗ୍ରଗତି ନିମନ୍ତେ ଲେଖକ ଓ ପାଠକ ମଧ ଦୃଢ଼ ପ୍ରତିଶ୍ରୁତିପୂର୍ଣ୍ଣ ହେବା ଆବଶ୍ୟକ। ପାଠକମାନେ ଭଲଭଲ ବହି ପଢ଼ିବା ସହିତ ଅନୁବାଦକ ମାନେ ମଧ ଭଲ ବହିଗୁଡ଼ିକୁ ଅନୁଦିତ କରିବା ଏକାନ୍ତ ଦରକାର।

■ ଅକ୍ଷରେ ସିଦ୍ଧେଶ୍ୱର ପଣ୍ଡା



ନାମ - ସିଦ୍ଧେଶ୍ୱର ପଣ୍ଡା
ଜନ୍ମ- ୦୫/୧୧/୧୯୬୫
ପିତା- ୰ ମହେଶ୍ୱର ପଣ୍ଡା
ମାତା- ୰ଅନ୍ନପୂର୍ଣ୍ଣା ଦେବୀ
ଠିକଣା- ଶୂଳିଆପଦା,
ମୟୂରଭଞ୍ଜ- ୭୫୭୦୨୨

**ପ୍ରକାଶିତ କବିତା ପୁସ୍ତକ**

ଜୀବନ ଖୋଜା(୨୦୨୨)
ଦୁଲିଆପଡ଼ା ହାଟର ଲୋକମାନେ(୨୦୨୨)
ସମୟର ଶେଷ ଯାଏଁ (୨୦୨୩)
ଭଙ୍ଗା ଭାରତ (୨୦୨୫)
ଏବଂ ଶିଶୁ କବିତା, ଗୀତି କବିତା, ଗଳ୍ପ ଓ ପ୍ରବନ୍ଧ ପ୍ରକାଶିତ..



କବିଙ୍କ ପିତା ଓ କବିଙ୍କ ନାତୁଣୀ ଏକାଠି



ସୁଖୀ ପରିବାର : ବଡଭାଇ, ଭାଉଜ ଓ ପତ୍ନୀଙ୍କ ସହ କବି ସିଦ୍ଧେଶ୍ୱର ପଣ୍ଡା ...



ଜୀବନସାଥୀଙ୍କ ସହିତ କବି ସିଦ୍ଧେଶ୍ୱର ପଣ୍ଡା...



ନିଜ କବିତା ପୁସ୍ତକ ଉନ୍ମୋଚନର ଅବସରରେ କବି ସିଦ୍ଧେଶ୍ୱର...

## ପ୍ରଥମ ବିଦେଶ ଯାତ୍ରା

ନନ୍ଦିତା ମହାନ୍ତି

# ମୋ ଝର୍କାରୁ ଆମେରିକା...

ଶେଷଭାଗ



**ଏଇଠି ଶେଷ ହେଉଛି 'ପ୍ରଥମ ବିଦେଶ ଯାତ୍ରା' କ୍ରମରେ ପ୍ରକାଶିତ 'ମୋ ଝର୍କାରୁ ଆମେରିକା ' ର ପ୍ରଥମ ଭାଗ । ମୁଁ ଏହାକୁ ୩୬ ଟି ଅଧ୍ୟାୟରେ ଶେଷ କରୁଛି ଯଦିଓ ଭାବିଥିଲି ୫୦ ଅଧ୍ୟାୟରେ ଶେଷ କରିବି ବୋଲି । ଆମେରିକା ଏକ ଅଦ୍ଭୁତ ଦେଶ ଓ ଏହାର କାହାଣୀ ମଧ ଅନନ୍ୟ । ମୁଁ ସବୁମତେ ଚେଷ୍ଟା କରିଛି ଅନୁଭବି ଥିବା ଆମେରିକାର ସ୍ପଷ୍ଟ ଚିତ୍ର ଆପଣମାନଙ୍କ ସାମ୍ନାରେ ତୋଳି ଧରିବା ପାଇଁ । ଆଉ ମୁଁ ସେଥିରେ କେତେ ଦୂର ଉତ୍ତୀର୍ଣ୍ଣ ହୋଇଛି ତାହା ପାଠକେ କହିବେ।**

ପ୍ରତି ଅଧ ଘଣ୍ଟା ଅନ୍ତରରେ ଏଲିସ ଦ୍ୱୀପରୁ ଫେରୀ ଯାଉଥିଲା ଲିବର୍ଟି ଦ୍ୱୀପକୁ । ଆମେ ଏବେ ଥିଲୁ ଲିବର୍ଟି ଦ୍ୱୀପ ଅଭିମୁଖେ ଯାଉଥିବା ଷ୍ଟାଚ୍ୟୁ କ୍ରୁଜ ସର୍ଭିସର ଏକ ଫେରୀରେ । ହଡସନ ନଦୀ ବକ୍ଷରେ ସିଆର କାଟି ଫେରୀ ବଢୁଥିଲା ଆଗକୁ । ଆମେ କ୍ରମେ ଏଲିସ ଦ୍ୱୀପ ଠାରୁ ଦୂରେଇ ଯାଉଥିଲୁ । ଆମକୁ ଷ୍ଟାଚ୍ୟୁ ଅଫ ଲିବର୍ଟି ପହଞ୍ଚିବା ପାଇଁ ପ୍ରାୟ ଅଧ ଘଣ୍ଟା ସମୟ ଲାଗିବ । ଦୂରରେ ଦିଶୁଥିଲା ନ୍ୟୁୟର୍କ ସହରର ସ୍କାଇଲାଇନ । ନଭଶ୍ଚୁମ୍ବୀ କୋଠାସବୁ ଦିଶୁଥିଲେ କ୍ୟାଲେଣ୍ଡରର ଚିତ୍ର ପରି । ଦୂରରେ ପାଣି ଭିତରେ ଏକ ଟାପୁ ଉପରେ ଦିଶୁଥିଲା ଷ୍ଟାଚ୍ୟୁ ଅଫ ଲିବର୍ଟି । ସ୍କୁଲରେ ପାଠ ପଢିଲା ବେଳେ ଇତିହାସ ବହିରେ ପଢିଥିଲୁ ଷ୍ଟାଚ୍ୟୁ ଅଫ ଲିବର୍ଟି ବିଷୟରେ । ସାର କ୍ଲାସରେ ସେ ବିଷୟରେ କହିଲା ବେଳେ ମୁଁ ଭାବୁଥିଲି, ଆହାଃ , କେଡେ ମନୋରମ ଦୃଶ୍ୟ ହୋଇଥିବ ସତେ । ସମୁଦ୍ର ମଝିରେ ପାଣି ଭିତରେ ଏକ ଟାପୁ ପରି ଦିଶୁଥିବା ଦ୍ୱୀପ ଉପରେ, ଆକାଶକୁ ମୁଣ୍ଡତୋଳି ଛିଡା ହୋଇଥିବା ଦିନେ ଉଚ୍ଚତା ପାଇଁ ସାରା ପୃଥିବୀରେ ଚହଳ ପକେଇଥିବା ବିଶାଳକାୟ ମୂର୍ତ୍ତି । କେଜାଣି କେଉଁଠି ଭଗବାନ ବୋଧେ କାନ ପରି ଶୁଣୁଥିଲେ ମୋ କଥାକୁ । ଯାକୁଇ ବୋଧହୁଏ କୁହନ୍ତି, ପଜିଟିଭ ମେନିଫେଷ୍ଟେସନ ବା ସକାରାତ୍ମକ ବାସ୍ତବିକତା। କେଉଁଠି ମନ ତଳେ ଇଚ୍ଛାଟିଏ ଥିଲା ନିଶ୍ଚୟ ଯାହା ଏବେ ପୂରଣ ହେବାକୁ ଯାଉଛି । ଆଉ ଆଜି ମୋ ସାମ୍ନାରେ ଅଛି ସେହି ସ୍ୱପ୍ନର ବାସ୍ତବିକ ରୂପ।

ଏତେ ସମୟ ଧରି ଏଲିସ ଦ୍ୱୀପରେ ବୁଲାବୁଲି କରି ଭୀଷଣ ଶୋଷ ଲାଗୁଥିଲା । ଚିକୁ ଫେରୀରେ ଥିବା କାଫେରୁ ଲେମୋନେଡ ନେଇ ଆସିଲେ । ଆମେ ଫେରୀର ଦ୍ୱିତୀୟ ମହଲାରେ ଥିବା ବେଞ୍ଚ ଉପରେ ବସି, ହଡସନର ନୀଳ ଜଳରେ ନିଜକୁ ହଜେଇ ଦେଇ ଧୀରେ ଧୀରେ ପିଇଲୁ ଲେମୋନେଡ । ଲେମ୍ବୁର ଏକ ସ୍ନିଗ୍ଧ ଅନୁଭବ ବ୍ୟାପିଗଲା ସାରା ଶରୀରରେ। ଏକ ଶୀତଳ ସ୍ଫୁର୍ତ୍ତି ଜାଗିଉଠିଲା ଦେହ ଓ ମନରେ। ଗ୍ରୀଷ୍ମକାଳ ହୋଇଥିଲେ ମଧ ପାଣି ଉପରେ ଥଣ୍ଡା ଲାଗୁଥିଲା । ସାଇଁ ସାଇଁ ହୋଇ ପବନ ପିଟି ହେଉଥିଲା ।

ଏବେ ଆମେ ଆସି ପହଞ୍ଚି ଯାଇଥିଲୁ ଲିବର୍ଟି ଦ୍ୱୀପ କୂଳରେ । ଫେରୀରୁ ଓହ୍ଲେଇ ଆମେ ଦ୍ୱୀପ ଭିତରକୁ ଆଗେଇଲୁ । ଏହି ଦ୍ୱୀପର କ୍ଷେତ୍ରଫଳ ହେଉଛି ପ୍ରାୟ ୧୪ ଏକର । ଏହା ନ୍ୟୁୟର୍କ ବନ୍ଦର ଯାହାକୁ 'ନ୍ୟୁୟର୍କ ବେ' ବୋଲି କୁହାଯାଏ ତାର ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ । ହେଲେ ଭୌଗୋଳିକ ସ୍ଥିତି ଅନୁଯାୟୀ ଏହା ନ୍ୟୁଜର୍ଶୀର ଅଧିକ ନିକଟତର । ଯେହେତୁ ଏହା ଦୁଇଟି ରାଜ୍ୟ ନ୍ୟୁୟର୍କ ଓ ନ୍ୟୁଜର୍ଶୀ ଉଭୟ ମଝିରେ ଅଛି ତେଣୁ ଏହା ଉପରେ ଉଭୟ ରାଜ୍ୟର ଅଧିକାର ରହିଛି। ଏହାକୁ ସରକାର ବର୍ତ୍ତମାନ ନିଜ ହାତକୁ ନେଇଛନ୍ତି ଓ ଏହା ନ୍ୟାସନାଲ ପାର୍କ ସର୍ଭିସେସ ଦ୍ୱାରା ପରିଚାଳିତ ହେଉଛି । ଦ୍ୱୀପର ପ୍ରବେଶ ଦ୍ୱାରରେ ଏକ ବଡ ବୋର୍ଡ ଲାଗିଛି । ଯେଉଁଥିରେ ଲେଖାଅଛି ବିଭିନ୍ନ ସ୍ଥାନର ଅବସ୍ଥିତି । ଯେପରିକି ଲିବର୍ଟି ଷ୍ଟାଚ୍ୟୁ , ଷ୍ଟାଚ୍ୟୁ ଅଫ ଲିବର୍ଟି ମ୍ୟୁଜିୟମ, ଇନଫରମେସନ ସେଣ୍ଟର, କାଫେ ଓ ବୁକଷ୍ଟୋର। ହେଲେ ଏହି ଦ୍ୱୀପର ମୁଖ୍ୟ ଆକର୍ଷଣ ହେଉଛି ଷ୍ଟାଚ୍ୟୁ ଅଫ ଲିବର୍ଟି । ଆମେ ଧୀରେ ଧୀରେ ଷ୍ଟାଚ୍ୟୁ ଦିଗରେ ଅଗ୍ରସର ହେଲୁ। ଏହି ଷ୍ଟାଚ୍ୟୁର ନିର୍ମାଣ ଓ ସ୍ଥାପନା ବିଷୟରେ ରହିଛି ଏକ ବିସ୍ତୃତ ଇତିହାସ ।

ଷ୍ଟାଚ୍ୟୁ ଅଫ ଲିବର୍ଟି ହେଉଛି ଏକ ବିରାଟ ମାନବ ପ୍ରତିକୃତି ଯାହା କୋଲୋଜାଲ ନାମକ ସ୍ଥାପତ୍ୟ କଳାର ଅନ୍ତର୍ଭୁକ୍ତ, ଯେଉଁଥିରେ ବୃହଦାକାର ମାନବାକୃତି ତିଆରି କରାଯାଇଥାଏ। ପ୍ରକୃତରେ ଏହି ଷ୍ଟାଚ୍ୟୁଟି ଫ୍ରାନସ ଦେଶ ପକ୍ଷରୁ ଆମେରିକାକୁ ଦିଆ ଯାଇଥିବା ଏକ ପ୍ରୀତି ଉପହାର। ଏହାକୁ ଆମେରିକା ସ୍ୱାଧୀନତାର ଏକଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ଉପହାର ସ୍ୱରୂପ ଫ୍ରାନସ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଇଥିଲା। ଯାହା ଥିଲା ଆମେରିକା ଓ ଫ୍ରାନସ ମଧ୍ୟରେ ଥିବା ଦୃଢ ବନ୍ଧୁତାର ନିଦର୍ଶନ। ଏହି ୩୦୫ ମିଟର ଉଚ୍ଚତା ବିଶିଷ୍ଟ ପ୍ରତିକୃତିର ନିର୍ମାଣ ଫ୍ରାନ୍ସର ଶିଳ୍ପୀ ଆଲେକଜାଣ୍ଡାର ଗୁସ୍ତାଭ ଆଇଫେଲଙ୍କ ତତ୍ତ୍ୱାବଧାନରେ ନିର୍ମାଣ କରା ଯାଇଥିଲା ଯିଏ ଥିଲେ ଫ୍ରାନ୍ସର ଆଇଫେଲ ଟାୱାରର ନିର୍ମାତା।



କିନ୍ତୁ ଆଇଫେଲ ପ୍ରଥମେ ତିଆରି କରିଥିଲେ ଷ୍ଟାଚ୍ୟୁ ଅଫ ଲିବର୍ଟି ବା ଲେଡି ଲିବର୍ଟି ପ୍ରତିମୂର୍ତ୍ତି ଯାହା ସେ ସମୟରେ ସାରା ପୃଥିବୀର ସବୁଠାରୁ ଉଚ୍ଚ ସ୍ଥାପତ୍ୟର ମାନ୍ୟତା ଲାଭ କରିଥିଲା । ଏହାର ସ୍ଥପତି ଥିଲେ ଫ୍ରେଡରିକ ଅଗଷ୍ଟ ବର୍ଥୋଲ୍‌ଦି । କୁହାଯାଏ ସିଏ ନିଜର ମାଆଙ୍କର ଚେହେରାକୁ ଏହି ପ୍ରତିକୃତିରେ ସ୍ଥାନ ଦେଇଥିଲେ। ଏହି ପ୍ରତିମୂର୍ତ୍ତିର ବାହ୍ୟ ସ୍ତର ତମ୍ବାରେ ତିଆରି । କିନ୍ତୁ ଏହାର ଭିତର ଢାଞ୍ଚା ଷ୍ଟିଲରେ ତିଆରି ଯାହା ଏହାକୁ ମଜବୁତ କରିଛି। ଷ୍ଟିଲ ନିର୍ମିତ ପ୍ରତିକୃତି ଉପରେ ତମ୍ବାର ପତଳା ପରସ୍ତ ଲଗେଇ ନିର୍ମାଣ କରାଯାଇଛି ଏହାକୁ । ପ୍ରଥମେ ଏହାକୁ ଫ୍ରାନ୍ସରେ ନିର୍ମାଣ କରା ଯାଇଥିଲା ଓ ପରେ ଏହାକୁ ଖଣ୍ଡ ଖଣ୍ଡ କରି ଆମେରିକାକୁ ଜାହାଜ ଯୋଗେ ଅଣା ଯାଇଥିଲା। ବର୍ତ୍ତମାନ ଏହା ଯେଉଁ ପ୍ରକାଣ୍ଡ ସ୍ତୁପ ଉପରେ ଛିଡା ହୋଇଛି ତାହାର ନିର୍ମାଣ ଶେଷ ହେଲା ପରେ ମୂର୍ତ୍ତିକୁ ତହିଁ ଉପରେ ସ୍ଥାପନ କରା ଯାଇଥିଲା ଯାହାର ଓଜନ ଥିଲା ୨୨୫ ଟନ ।

ଏହି ପ୍ରତିମୂର୍ତ୍ତି ଯାହାକୁ ଆମେ ଷ୍ଟାଚ୍ୟୁ ଅଫ ଲିବର୍ଟି ବୋଲି କହିଥାଉ ତାହା ହେଉଛି ଜଣେ ନାରୀର ପ୍ରତିମୂର୍ତ୍ତି ଯିଏ ନିଜର ଡାହାଣ ହାତକୁ ଟେକି ଧରିଛି ଉପରକୁ । ତାର ହାତରେ ଅଛି ୨୯ ମିଟରର ଲମ୍ବ ଏକ ବିରାଟ ଜ୍ୱଳନ୍ତ ମଶାଲ ବା ଟର୍ଚ୍ଚ ।ଏହି ମଶାଲ ୧୯୧୬ ଯାଏଁ ଜଳିବା ଅବସ୍ଥାରେ ଥିଲା ପରେ ଏହାକୁ ଲିଭେଇ ଦିଆ ଯାଇଥିଲା । କାରଣ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନ ଦ୍ୱାରା ଏକ ବୋମା ବିସ୍ଫୋରଣରେ ଏହି ମଶାଲ ବା ଟର୍ଚ୍ଚ କ୍ଷତିଗ୍ରସ୍ତ ହୋଇଥିଲା । ଏହି ମୂର୍ତ୍ତିର ଅନ୍ୟ ହାତରେ ଅଛି ଏକ ଫଳକ, ଯେଉଁଥିରେ ରୋମାନ ଅକ୍ଷରରେ ଲିପିବଦ୍ଧ ହୋଇଛି ଆମେରିକା ସ୍ୱାଧୀନତାର ତାରିଖ। ମୂର୍ତ୍ତିର ପାଦରେ ଗୁଡେଇ ହୋଇରହିଛି ଛିନ୍ନ ଶୃଙ୍ଖଳ । ଯାହା ଲିବର୍ଟି ବା ବ୍ୟକ୍ତି ସ୍ୱାଧୀନତାର ପ୍ରତୀକ ।

ଷୋଡଶ ଶତାବ୍ଦୀ ବେଳକୁ ଆମେରିକାରେ କ୍ରୀତଦାସ ପ୍ରଥା ଏହାର ଚରମରେ ଥିଲା । ମୂଳତଃ ଆଫ୍ରିକାନ ବା ଆଫ୍ରିକାନ ଆମେରିକାନମାନେ ଆମେରିକାରେ କ୍ରୀତଦାସ ଭାବରେ ଜୀବନ ବଞ୍ଚୁଥିଲେ । ଇଂରେଜ ଉପନିବେଶ ସମୟରେ ଆମେରିକାକୁ ଆସିଥିଲା ଏହି ପ୍ରଥା। ବିଶେଷ କରି ଦକ୍ଷିଣ ଆମେରିକାରେ, ଯେଉଁଠି କୃଷିକାର୍ଯ୍ୟରେ କ୍ରୀତଦାସମାନଙ୍କୁ ନିଯୋଜିତ କରା ଯାଉଥିଲା। ସେମାନେ ସେଠାରେ ଖୁବ ଦୟନୀୟ ଜୀବନଯାପନ କରୁଥିଲେ । ଧୀରେ ଧୀରେ ସେମାନେ ବିଦ୍ରୋହ କରିବାକୁ ଲାଗିଲେ । ଉତ୍ତର ଆମେରିକୀୟ ରାଜ୍ୟ ଯେପରିକି ପେନସିଲଭାନିଆ , ମିଚିଗାନ, ମେନ, ଭରମୋଣ୍ଟ, ନ୍ୟୁଜର୍ଶୀ ଆଦି ରାଜ୍ୟରେ କ୍ରୀତଦାସ ପ୍ରଥାକୁ ବିରୋଧ କରା ଯାଉଥିଲା ବେଳେ ଦକ୍ଷିଣ ପ୍ରାନ୍ତର ରାଜ୍ୟମାନେ ଯେପରିକି ଟେକ୍ସାସ, ଆରିଜୋନା, ନ୍ୟୁ ମେକ୍ସିକୋ, ଓକାଲାହାମା, କଲୋରାଡୋ, ଟେନେସି ଇତ୍ୟାଦି ରାଜ୍ୟରେ ଏହାକୁ ଠିକ ବୋଲି ବିବେଚନା କରା ଯାଉଥିଲା। ଯାହାକୁ ନେଇ ଦକ୍ଷିଣ ଓ ଉତ୍ତର ରାଜ୍ୟମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ ହୋଇଥିଲା । ସେଇ ସମୟରେ ୧୮୬୫ ମସିହାରେ ଆମେଣ୍ଡମେଣ୍ଟ ଦ୍ୱାରା ଆମେରିକାର ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ କ୍ରୀତଦାସ ପ୍ରଥାକୁ ସମୂଳେ ଉତ୍ପାଟନ କରିଥିଲେ। ତେଣୁକରି ତାଙ୍କୁ କ୍ରୀତଦାସମାନଙ୍କର ମସିହା ବୋଲି କୁହାଯାଏ । ଏବେ ଆମେରିକାରେ ଯେଉଁ କଳା ଲୋକମାନେ ଦେଖାଯାଆନ୍ତି ସେମାନେ ସେହି କ୍ରୀତଦାସଙ୍କର ବଂଶଧର ଯେଉଁମାନଙ୍କୁ ଆଗରୁ 'ନିଗ୍ରୋ' ବୋଲି କୁହା ଯାଉଥିଲା । ଏବେ ବି ଆମେରିକାରେ କାହାକୁ 'ନିଗ୍ରୋ' ବା 'ବ୍ଲାକ' ବୋଲି ସମ୍ବୋଧନ କରିବାକୁ ଗର୍ହିତ ଅପରାଧରେ ବୋଲି ବିବେଚନା କରାଯାଏ ।



ଆମେ ଏବେ ଷ୍ଟାଚ୍ୟୁ ଅଫ ଲିବର୍ଟିର ପାଦ ଦେଶରେ ଥିଲୁ । ଏଠାରେ ମଧ ହେଡଫୋନ ମିଳୁଥିଲା । ଯାହାକୁ କାନରେ ଲଗେଇ ଲିବର୍ଟି ଦ୍ୱୀପ ବୁଲୁ ବୁଲୁ ଆପଣ ଶୁଣିପାରିବେ ତାର ସ୍ୱର୍ଣ୍ଣିମ ଇତିହାସ । ଆମେ ବି ସେଇଥିରୁ ଗୋଟେ ଗୋଟେ କାନରେ ଲଗେଇଲୁ । ଲାଗୁଥିଲା ସତେ ଯେମିତି ଲେଡି ଲିବର୍ଟି ନିଜର କାହାଣୀ ବଖାଣୁଥିଲେ ଆମ ଆଗରେ । ଜନ୍ମ ଲଗ୍ନ ଠାରୁ ଆରମ୍ଭ କରି ୧୮୮୬ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ଗ୍ରୋଭର କ୍ଲିଭଲ୍ୟାଣ୍ଡଙ୍କ ଦ୍ୱାରା ଏହାର ପ୍ରତିଷ୍ଠା ଯାଏଁ । ସେଇଦିନଠାରୁ ଆଜିଯାଏଁ କେତେ କେତେ ଲୋମଟାଙ୍କୁରା ମୂହୁର୍ତ୍ତ ସବୁ ଆମକୁ ଗପ ଶୁଣିଲା ପରି ଲାଗୁଥାଏ ।

ଏବେ ଆମ ସାମ୍ନାରେ ଯେଉଁ ଲେଡି ଲିବର୍ଟିଙ୍କର ମୂର୍ତ୍ତି ଥିଲା ଯାହାର ରଙ୍ଗ ଥିଲା ହାଲ୍କା ସବୁଜ ରଙ୍ଗ । ହେଲେ କାହିଁ ସେଇ ତମ୍ବା ରଙ୍ଗ। ମୂର୍ତ୍ତିର ଉପର ପରସ୍ତ ତ ତମ୍ବା ଧାତୁରେ ତିଆରି। ଅସଲ କଥା ହେଲା ଏତେ ବର୍ଷ ଧରି ତମ୍ବା ଆଟଲାଣ୍ଟିକ ସାଗରର ଆର୍ଦ୍ର ଲୁଣି ହାୱା ସଂସ୍ପର୍ଶରେ ଆସି ଅକ୍ସିଡେସନ ପ୍ରକ୍ରିୟା ଦ୍ୱାରା ହାଲୁକା ସବୁଜରେ ପରିଣତ ହୋଇଛି । ଅନେକ ଥର ଏହାକୁ ତାର ପୁରୁଣା ରଙ୍ଗକୁ ଫେରେଇ ଆଣିବାର ପ୍ରଯନ୍ନ କରାଯାଇଛି । ହେଲେ ମୂଳ ଢାଞ୍ଚା କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ଏଥିରୁ ବିରତ ହେବାକୁ ପଡିଛି । କୁହାଯାଏ ଆକାଶକୁ ମୁଣ୍ଡ ଟେକି ଛିଡା ହୋଇଥିବା ଏହି ପ୍ରତିମୂର୍ତ୍ତି ଉପରେ ପ୍ରତିବର୍ଷ ଆନୁମାନିକ ୬୦୦ ଥର ବଜ୍ରପାତ ହୋଇଥାଏ । ତଥାପି ଆଜିଯାଏଁ ଏହା ଯେ ସେମିତି ଅକ୍ଷୁର୍ଣ୍ଣ ଭାବରେ ଛିଡା ହୋଇଛି ଏହା କିଛି କମ ଆଶ୍ଚର୍ଯ୍ୟର ବିଷୟ ନୁହେଁ ।

ଲେଡି ଲିବର୍ଟି ଯେଉଁ ୧୫୪ ମିଟର ଉଚ୍ଚ ସ୍ତୁପ ଉପରେ ଛିଡା ହୋଇଛି ତା ଭିତରକୁ ଯିବା ପାଇଁ ପାହାଚର ବ୍ୟବସ୍ଥା ଅଛି । ପ୍ରାୟ ୨୦୦ଟି ପାହାଚ ଅତିକ୍ରମ କରି ଆମେ ଯାଇ ପହଞ୍ଚିଲୁ ସ୍ତୁପ ଉପରେ ଯେଉଁଠାରୁ ଚାରିପଟର ଚିତ୍ର ଖୁବ ମନୋରମ ଥିଲା । ଆମେ ଚାରିପଟେ ବୁଲିଲୁ ଓ ଫୋଟୋ ଉଠେଇଲୁ । ମୂର୍ତ୍ତି ମସ୍ତକରେ ପିନ୍ଧିଥିବା କ୍ରାଉନ ବା ମୁକୁଟ ଯାଏଁ ଯିବା ପାଇଁ ସେହି ସ୍ତୁପ ଭିତର ଦେଇ ଯାଇଛି ଗୋଟିଏ ସ୍ପାଇରାଲ ବା ଘୁରି ଘୁରୁ ଉପରକୁ ଯାଉଥିବା ୧୬୨ ପାହାଚ ବିଶିଷ୍ଟ ଏକ ପତଳା ସିଢି । ସେଇ ସିଢି ଦେଇ ଥରକେ ମାତ୍ର ଛଅ ଜଣ ଲୋକ ଯାଇପାରିବେ । ସେଇ ସିଢି ଏତେ ପତଳା ଯେ ଜଣେ ଲୋକ ଉପରକୁ ଯାଉଥିଲା ବେଳେ ଆଉ କେହି ତଳକୁ ଆସିପାରିବ ନାହିଁ । ଜଣେ ପୁରା ଛିଡା ହୋଇ ତା ମଧ ଦେଇ ଯାଇ ପାରିବନାହିଁ। ନଇଁ ନଇଁ ଯିବାକୁ ହେବ । ଆଉ ତାପାଇଁ ଅଲଗା ଟିକେଟ ମଧ କରିବାକୁ ହେବ। ଆମେ ଆଉ ଉପରକୁ ନ ଯାଇ ସେଇଠାରୁ ହିଁ ଫେରିଲୁ ତଳକୁ। ତଳେ ଥିଲା ଗୋଟିଏ ମ୍ୟୁଜିୟମ । ଯେଉଁଥିରେ ସାଇତା ହୋଇରହିଛି ବିଭିନ୍ନ ଚିଜ, ଯେମିତିକି ଷ୍ଟାଚ୍ୟୁ ଅଫ ଲିବର୍ଟିର ଅନେକ ଛୋଡ ବଡ ମଡେଲ । ଶିଳ୍ପୀଙ୍କର କାର୍ଯ୍ୟଶାଳା, ମୂର୍ତ୍ତି ହାତରେ ଦିନେ ଶୋଭା ପାଉଥିବା ମଶାଲ । ସେଠାରେ ଥିବା ଥିଏଟରରେ ବସି ଜଣେ ସିନେମା ଆକାରରେ ଦେଖି, ଶୁଣିପାରିବ ଲେଡି ଲିବର୍ଟିର ଇତିହାସକୁ। ବୁକ ଷ୍ଟୋରରୁ ଷ୍ଟାଚ୍ୟୁ ଅଫ ଲିବର୍ଟିର ଇତିହାସ ଉପରେ ବହି କିଣି ଆମେ ଆସି ବସିଲୁ କାଫେରେ। ଭୋକ ଲାଗୁଥିଲା ପ୍ରବଳ। ସେଠାରେ ଆମେ ବାର୍ବିକ୍ୟୁ ଚିକେନ ପିଜା ସହିତ ହଟ କଫି ପିଇ ମୁହାଁଇଲୁ ଆମର ଫେରୀ ଦିଗରେ ।

ଏବେ ଆମେ ଯେଉଁ ଫେରୀରେ ବସିଥିଲୁ ତାହା ଥିଲା ଏକ ସ୍ପିଡ ଫେରୀ । ଯାହାର ସ୍ପିଡ ଥିଲା ଖୁବ ଅଧିକ । ଆମେ ଅଧ ଘଣ୍ଟାରେ ଆସି ପହଞ୍ଚିଗଲୁ ନ୍ୟୁଜର୍ଶୀ ଲିବର୍ଟି ପାର୍କରେ ।ଏହି ଷ୍ଟେଟ ପାର୍କରୁ ସଫା ଦିଶୁଥିଲା ନ୍ୟୁୟର୍କ ସ୍କାଇଲାଇନ । ହେଲେ ଠିକ ମଝିଆ ମଝି ଦିଶୁଥିଲା ଏକ ଖାଲି ସ୍ଥାନ ଯେଉଁଠି ପୂର୍ବରୁ ଥିଲା ୱାର୍ଲ୍ଡ ଟ୍ରେଡ ସେଣ୍ଟର। ୯/୧୧ ଆକ୍ରମଣ ପରେ ୱାର୍ଲ୍ଡ ଟ୍ରେଡ ସେଣ୍ଟର ଧୂଳିସାତ ହୋଇ ଯାଇଥିଲା । ସେହି ସ୍ମୃତିକୁ ଉଦଜ୍ଜୀବିତ କରିବା ପାଇଁ ନ୍ୟୁଜର୍ଶୀ ଷ୍ଟେଟ ପାର୍କରେ ତିଆରି କରାଯାଇଛି ଦୁଇଟି ଷ୍ଟିଲ ନିର୍ମିତ ସମାନ୍ତରାଳ ପାଚେରୀ । ସେହି ପାଚେରୀରେ ଲେଖା ହୋଇଛି ୯/୧୧ ଆକ୍ରମଣରେ ମୃତ୍ୟୁବରଣ କରିଥିବା ନ୍ୟୁଜର୍ଶୀରେ ବସବାସ କରୁଥିବା ବ୍ୟକ୍ତିମାନଙ୍କର ନାଁ । ଆମେ ସେହି ନାଁ ସବୁକୁ ପଢିଲୁ । ସେଥିରେ ଥିଲା ଅନେକ ଭାରତୀୟଙ୍କର ନାଁ ଯେଉଁମାନେ ସେହି ଆକ୍ରମଣରେ ମୃତ୍ୟୁବରଣ କରିଥିଲେ । ଓଦା ହେଲା ଆଖି କିଛି ମୂହୁର୍ତ୍ତ ପାଇଁ । ଏବେ ଆମେ ପାର୍କ ପାରି କରି ଆମ କାର ଆଡକୁ ଆଗଉଥିଲୁ । ପଛରେ ରହି ଯାଇଥିଲା କେତେ କେତେ ଇତିହାସର ମୂକ ସାକ୍ଷୀ ଏଲିସ ଦ୍ୱୀପ ଓ ଲିବର୍ଟି ଦ୍ୱୀପ ।

ବିଶେଷ ସୂଚନା : ଏଇଠି ଶେଷ ହେଉଛି ପ୍ରଥମ ବିଦେଶ ଯାତ୍ରା କ୍ରମରେ ପ୍ରକାଶିତ 'ମୋ ଝର୍କାରୁ ଆମେରିକା ' ର ପ୍ରଥମ ଭାଗ । ମୁଁ ଏହାକୁ ୩୬ ଟି ଅଧ୍ୟାୟରେ ଶେଷ କରୁଛି ଯଦିଓ ଭାବିଥିଲି ୫୦ ଅଧ୍ୟାୟରେ ଶେଷ କରିବି ବୋଲି । ଆମେରିକା ଏକ ଅଦ୍ଭୁତ ଦେଶ ଓ ଏହାର କାହାଣୀ ମଧ ଅନନ୍ୟ । ମୁଁ ସବୁମତେ ଚେଷ୍ଟା କରିଛି ଅନୁଭବି ଥିବା ଆମେରିକାର ସ୍ପଷ୍ଟ ଚିତ୍ର ଆପଣମାନଙ୍କ ସାମ୍ନାରେ ତୋଳି ଧରିବା ପାଇଁ । ଆଉ ମୁଁ ସେଥିରେ କେତେ ଦୂର ଉତ୍ତୀର୍ଣ୍ଣ ହୋଇଛି ତାହା ପାଠକେ କହିବେ। ମୋର ଏହି ଭ୍ରମଣ କାହାଣୀକୁ ଆପଣମାନେ ବହୁତ୍ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଦେଇଛନ୍ତି ସେଥିପାଇଁ ମୁଁ ଆପଣମାନଙ୍କ ନିକଟରେ ଗଭୀର ଭାବରେ କୃତଜ୍ଞ । ମୁଁ କୃତଜ୍ଞ ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକାଙ୍କ ନିକଟରେ, ମୋ ଉପରେ ଅଖଣ୍ଡ ବିଶ୍ୱାସ ଓ ଭରସା ରଖି ମୋତେ ଖବରକାଗଜରେ ଏକ ନିୟମିତ ସ୍ଥାନ ଦେଇଥିବାରୁ । ଏଠାରେ ମୁଁ କହି ରଖିବାକୁ ଚାହୁଁଛି ଯେ ଆମେରିକା ବିଷୟରେ ମୋତେ ଆହୁରି ଅନେକ କାହାଣୀ କହିବାର ଅଛି । କିନ୍ତୁ କିଛି ନିଜସ୍ୱ ଓ ପାରିବାରିକ କାର୍ଯ୍ୟ ପାଇଁ ମୁଁ ଏଥିରୁ ସାମୟିକ ବିରତି ନେଉଛି । ପୁଣି ଆସିବି ଦ୍ୱିତୀୟ ଭାଗ ସହିତ ଆମେରିକା ବିଷୟରେ ଆଉ କିଛି ରୋଚକ କାହାଣୀ ନେଇ । ଆଶା ଆପଣମାନେ ମୋତେ ପୁଣି ଏମିତି ଶ୍ରଦ୍ଧା ଦେବେ । ପ୍ରଣାମ ।

(ସମାପ୍ତ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

ଇଂ.ସଚ୍ଚିଦାନନ୍ଦ ନନ୍ଦ



# ସୁଖର ସନ୍ଧାନେ

ମଣିଷ ସୁଖୀ ହେବାକୁ ଚାହେଁ କିନ୍ତୁ ସବୁ କ୍ଷେତ୍ରରେ ସବୁ ଦୃଷ୍ଟିରୁ ସର୍ବତୋଭାବେ ସୁଖୀ ହୋଇପାରେ ନାହିଁ । ମଣିଷ ଯାହା ଚାହୁଁଛ ତାହା ହାସଲ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛି । ତେବେ ସୁଖୀ ହୋଇପାରିବ ନାହିଁ କାହିଁକି ? କ'ଣ ତ ଚାହିଁବାଟା ଦୁର୍ବଳ ଚାହିଁବା ବା ବାରମ୍ବାର ବିଫଳ ହୋଇସାରିବା ପରେ ତା'ର ମନବଳ ଭାଙ୍ଗି ଯାଉଛି । ବିଫଳ ହେବା ମଧ ଗୋଟିଏ ଭଲ ଶିକ୍ଷା । ସେ ଜାଣିପାରୁଥିବ ଯେ ସୁଖୀ ହେବା ତା'ହାତ ମୁଠାରେ ନାହିଁ । ଏବେ ଅନ୍ତତଃ ପକ୍ଷେ ସେ ଅନୁସନ୍ଧାନକୁ ଯେ ବିଫଳତାର କାରଣ କ'ଣ ?

ଏ ସମୟର ସର୍ବୋଚ୍ଚ ଜ୍ଞାନ ସମ୍ପନ୍ନ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କର ଉତ୍ତର ପୁରାପୁରି ଠିକ୍ ଭଳି ମନେହୁଏ । ତାଙ୍କ ଶିକ୍ଷାକୁ କାମରେ ଲଗାଇଲେ ତାହା କେତେ ପ୍ରଭାବଶାଳୀ ଆମେ ଉପଲବ୍ଧି କରିପାରିବା । ମଣିଷ ଭାବିଥାଏ ସେ ଯାହା ଚାହିଁଛି ତାହା ପାଇଗଲେ ସେ ଖୁସି ହେବ । ସେ କିଛି ପାଏ ନାହିଁ ବୋଲି କହି ହେବନାହିଁ । ଆମର ଇଚ୍ଛା କିଛି ହେଲେ ପୂରଣ ହୋଇନାହିଁ ବୋଲି ଆମେ କେବେ କହିପାରିବା ନାହିଁ । ନିଶ୍ଚିତ ଭାବେ କିଛି ଇଚ୍ଛା ପୂରଣା ହୋଇଛି । ତଥାପି ଜଣେ ନିଜକୁ ସୁଖି ବୋଲି ଘୋଷଣା କରିପାରେ ନାହିଁ। କାରଣ କିଛି ଇଚ୍ଛା ପୂରଣ ହୋଇଗଲା ମାତ୍ରେ ଖୁସିରେ ଆଉ ସେତିକି ଇଚ୍ଛା ପୂରଣ ହେବା ଆଶାରେ ତିଆରି ହୋଇଯାଆନ୍ତି ।

ମଣିଷ ଯାହା ସବୁ ଇଚ୍ଛା ସେଗୁଡ଼ିକ ଶାଶ୍ୱତ ବସ୍ତୁ ବା ପଦାର୍ଥ ନୁହେଁ । ତାହା କିପରି ଆମକୁ ଶାଶ୍ୱତ ସୁଖ ଦେଇପାରନ୍ତା ? ତେଣୁ ସେଗୁଡ଼ିକ ମିଳିଗଲେ ମଧ କ୍ଷଣିକ ସୁଖ ପ୍ରଦାନ କରି ଅତିଶୀଘ୍ର ନିଜର ସାମାନ୍ୟ ସାମର୍ଥ୍ୟର ପରିଚୟ ପ୍ରଦାନ କରି ଉଭେଇଯାଆନ୍ତି । ମଣିଷକୁ ପୁନଶ୍ଚ ଅସୁଖି କରି ଦିଅନ୍ତି । ମଣିଷ ଏହା ଉପଲବ୍ଧି କରେ ଏବଂ କୌଣସି ଦୀର୍ଘସ୍ଥାୟୀ ସୁଖପ୍ରଦାନ କଲାଭଳି ବସ୍ତୁ ବା ପଦାର୍ଥ ଆଶାରେ ଜୀବନ ବିତାଏ । କିଛି ଦିନ ପରେ ସେ ଅନୁଭବ କରେ ଯେ ଦୀର୍ଘସ୍ଥାୟୀ ସୁଖଟା, ଚିରସ୍ଥାୟୀ । ସେତେବେଳେ ସେ ଭାବେ ଚିରସ୍ଥାୟୀ ବସ୍ତୁ ହିଁ ଚିରସ୍ଥାୟୀ ସୁଖ ପ୍ରଦାନ କରିପାରେ । ଧୀରେ ଧୀରେ ତାହାର ଜ୍ଞାନ ଉଦୟ ହୁଏ ଏବଂ ସେ ବୁଝିପାରେ ଯେ ସଂସାରରେ ଦେଖାଯାଉଥିବା କୌଣସି ପଦାର୍ଥ ଚିରସ୍ଥାୟୀ ସୁଖ ଦେଇପାରନ୍ତି ନାହିଁ କାରଣ ସେଗୁଡ଼ିକ ନିଜେ ଚିରସ୍ଥାୟୀ ନୁହନ୍ତି। ଏହିଭଳି ଅନୁସନ୍ଧାନ କରୁ କରୁ ସେ ଜାଣିପାରେ ସେ ସ୍ଥାୟୀ ସୁଖ ଖୋଜିବା ଏକ ବ୍ୟର୍ଥ ପ୍ରୟାସ ।

କିନ୍ତୁ କେତେକ ଉଚ୍ଚତର ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି, ନା, ନା ଏଥିରେ ହତାଶ ହେବାର ନାହିଁ । ଚିରସ୍ଥାୟୀ ସୁଖ ମିଳିବାର ଉପାୟ ଅଛି । ତାହାକୁ ଆପଣାଇଲେ ସୁଖ ସମ୍ଭବ । ଗୀତାଜ୍ଞାନ ଅନୁସାରେ 'ଅନିତ୍ୟଂ ଅସୁଖଂ ଲୋକେ ମେମ୍ ପ୍ରାପ୍ୟ ଭଜସ୍ୱ ମାସ୍' । ଅର୍ଥାତ୍ ଏ ସଂସାରଟା ଅନିତ୍ୟ ଓ ଅସୁଖପୂର୍ଣ୍ଣ, ଯଦି ସୁଖ ଚାହୁଁଛ ଭଗବାନଙ୍କୁ ଭଜ ବା ଖୋଜ । କାରଣ ଏଠାରେ ନିତ୍ୟ ବା ଚିରସ୍ଥାୟୀ ବସ୍ତୁ ଏକମାତ୍ର ଭଗବାନ। ଭଗବାନଙ୍କୁ ଖୋଜାଯାଏ ନିରବତା ମାଧ୍ୟମରେ। ନିରବପର ଗଭୀରତମ ପ୍ରଦେଶରେ ଭଗବାନଙ୍କ କଣ୍ଠସ୍ୱର ଶୁଣାଯାଇଥାଏ । ତାଙ୍କ ନିର୍ଦ୍ଦେଶ ମିଳିଥାଏ । ସେ ଯେହେତୁ ସମସ୍ତ ସୁଖର ଗନ୍ତାଘର ତାଙ୍କୁ ଜୀବନର କେନ୍ଦ୍ର କରିପାରିଲେ ପ୍ରକୃତ ସୁଖ, ଶାଶ୍ୱତ ସୁଖ ଓ ଜନ୍ମଜନ୍ମାନ୍ତରର ସୁଖ ପ୍ରାପ୍ତ ହେବାର ଆଶା ସୃଷ୍ଟି ନିଶ୍ଚିତ ହୋଇଯାଏ ।



ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି, କାମନାବାସନା ହିଁ ଦୁଃଖର କାରଣ । ସେଗୁଡ଼ିକୁ କମାଇ ପାରିଲେ ଦୁଃଖ ହ୍ରାସ ପାଇବ ଓ ସୁଖାନୁଭୂତି ଲାଭ ହେବ । ମଣିଷର ଯାହା ଆବଶ୍ୟକତା ତାହା ପୂରଣ ହେବ ଦରକାର, ସେଥିପାଇଁ ଚେଷ୍ଟା କରିବା ଦରକାର । କିନ୍ତୁ କାମନାବାସନା ଜନିତ ବା ଲୋଭର ବଶବର୍ତ୍ତୀ ହୋଇ ମଣିଷ ଯାହାସବୁ କରିବସେ ତାହାର ଫଳ ସମସ୍ତଙ୍କୁ ଜଣା ତାହା ସବୁ ସୁଖ ନିର୍ବାପକ ବ୍ୟବସ୍ଥା । ଭଗବାନ ବାବାଙ୍କ ଅନ୍ୟତମ ଶିକ୍ଷା ହେଉଛି 'ଅନ୍ୟକୁ ସୁଖ ଦେଇପାରିଲେ ମଣିଷ ନିଜେ ସୁଖ ପାଇପାରିବ । ଏହା ପୁରାପୁରି ଠିକ୍ କଥା । ଆମ ଶାସ୍ତ୍ରମାନେ କହିଛନ୍ତି ଯାହା ଦେଇଥିବ ତାହାହିଁ ପାଇବ । ଅନ୍ୟ ଅର୍ଥରେ ଆମର ଯାହା ଦରକାର ତାହା ଅନ୍ୟକୁ ଦେଲେ ଆମେ ପାଇଥାଉ । ଯଦି ସୁଖ ପାଇବାର ଆମର ଲକ୍ଷ୍ୟ ତେବେ ଅନ୍ୟକୁ ସୁଖ ଦେବା ହିଁ ଏକ ନିଶ୍ଚିତ ମାର୍ଗ । ଦେବାକୁ ହେବ ସବୁକଥା ଆମ ଶକ୍ତି ବା କ୍ଷମତା ଭିତରେ ରହିବା ଉଚିତ । ଅନ୍ୟଜଣେ ସୁଖି ହେବାକୁ ଯଦି ଲକ୍ଷ ଲକ୍ଷ ଟଙ୍କା ମାଗୁଥାଏ, କେତେଜଣ ତାହା କରିପାରିବେ ? ବାବାଙ୍କ ଭାଷାରେ ପରୋପକାର ମାଧ୍ୟମରେ ଜଣେ ସୁଖି ହୋଇପାରେ । ପରର ଆତ୍ମା ସନ୍ତୁଷ୍ଟ ହେଲେ ପରମାତ୍ମା ସନ୍ତୁଷ୍ଟ । ସେଥିପାଇଁ ଦରକାର ସନ୍ତୁଷ୍ଟ ବ୍ୟବହାର ଓ ମୂଲ୍ୟବାନ ପରାମର୍ଶ । ଅସହାୟ ବ୍ୟକ୍ତି ଲୋଡୁଥିବା ସେବା ସହାୟତା ପରର ଆତ୍ମାକୁ ତୃପ୍ତି ଦେଇଥାଏ । ଏହି କର୍ମରେ ନିୟୋଜିତ ହେବାକୁ ହେଲେ ସେବାକୁ ସାମାନ୍ୟ ଅଧିକ ନିଃସ୍ୱାର୍ଥପର ହେବାକୁ ପଡ଼ିଥାଏ । ନିଜ ସୁଖ କମାଇ ଅନ୍ୟର ସୁଖପାଇଁ ବ୍ୟବସ୍ଥା କରିବାରେ ପ୍ରକୃତ ସୁଖ ନିହିତ । ମହାପୁରୁଷମାନେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଜୀବନ ଯାପନ କରନ୍ତି ଏବଂ ତାଙ୍କ ସମ୍ବଳ ଉପଯୋଗ କରି ଦରିଦ୍ର ଅସହାୟ ମାନଙ୍କ ସେବା କରି ସୁଖ ଓ ଆନନ୍ଦ ପାଇଥାନ୍ତି ।

ଅନ୍ୟ ଏକ ମାର୍ଗ ଅଛି ଅବଶ୍ୟ ସଦାସର୍ବଦା ସନ୍ତୁଷ୍ଟ ରହିବାରେ ସୁଖ ଥାଏ । ଯାହାକୁ ଯାହା ମିଳିଛି ସେଥିରେ ଅସନ୍ତୁଷ୍ଟ ନ ହୋଇ ନିଜ କର୍ମକୁ ଦୋଷାରୋପ ନକରି, ଅନ୍ୟମାନଙ୍କ ସୌଭାଗ୍ୟ ସହ ନିଜ ଅବସ୍ଥାକୁ ତୁଳନା ନକରି, ଯାହା ମିଳିଛି ତାହାକୁ ଭଗବାନଙ୍କ ଉପହାର ମନେକରି ଯିଏ ସନ୍ତୁଷ୍ଟ ରହିପାରେ ସେ ସୁଖି ହୁଏ । ଅବଶ୍ୟ ଯାହା ମିଳିଛି ସେଥିରେ ସନ୍ତୁଷ୍ଟ ହୋଇ କୌଣସି ପରିଶ୍ରମ ନକରିବା, ଆଳସ୍ୟରେ ଜୀବନ ବିତାଇବା ଦ୍ୱାରା ଭଗବାନଙ୍କ ମୂଳ ଉପହାରକୁ ବଞ୍ଚାଇ ପାରିବାନାହିଁ । କର୍ମକୁ ହେଳା କରିବା, କର୍ମର ମହତ୍ତ୍ୱ ନ ବୁଝିବା, ଜୀବନ ଓ କର୍ମ ମଧ୍ୟରେ ଥିବା ସମ୍ପର୍କକୁ ମର୍ଯ୍ୟଦା ନଦେବା ଠିକ୍ ନୁହେଁ। ସୁଖ ପାଇବା ଦିଗରେ ଇନ୍ଦ୍ରିୟ ସଂଯମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୈତିକ ଜୀବନ ବିନା ସୁଖ ସୁଦୂର ପରାହତ ହୋଇଯିବ। ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି କୌଣସି ପଦାର୍ଥର ଅପଚୟ ମଣିଷକୁ ସୁଖ ଦେଇପାରିବ ନାହିଁ । ତେଣୁ କିଛି ବି ଅପଚୟ କରନାହିଁ । ବିଶେଷକରି, ଖାଦ୍ୟ, ଧନ, ସମୟ ଓ ଶକ୍ତି କେବେହେଲେ ନଷ୍ଟ ହେବା ଉଚିତ ନୁହେଁ । ବର୍ତ୍ତମାନ ସୁଖରେ ଥିବା ବ୍ୟକ୍ତି ଯଦି ଏଗୁଡ଼ିକର ଅପଚୟ କରେ ତେବେ ସେ ଅବିଳମ୍ବେ ଅସୁଖି ହୋଇଯିବ । ଏହାର ସଦ୍‌ବ୍ୟବହାରରେ ହିଁ ସୁଖ ଏଗୁଡ଼ିକ ନଷ୍ଟ ହେବା ଅର୍ଥ ନିଜର ସୁଖ ନଷ୍ଟ ହେବା ।

ସୁଖର ସଂଜ୍ଞା ଦେବାକୁ ଯାଇ ଭଗବାନ ବାବା କହନ୍ତି 'ଭଗବାନଙ୍କ ସହ ସଂଯୁକ୍ତ ହେବା ହିଁ ସୁଖ' । ଏହା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ, ସାଧକ ମାନଙ୍କ ପକ୍ଷେ ବି କଷ୍ଟକର। ତଥାପି ସଫଳତାର ଆଶା ଅଛି । ଭଗବାନଙ୍କ ସହ ସଂଯୁକ୍ତ ହେବାର ମାର୍ଗରେ ଚାଲିଲେ ଯଥେଷ୍ଟ, ପରିଶେଷରେ ତାହା ଆମକୁ ନେଇ ଗନ୍ତବ୍ୟ ଲକ୍ଷରେ ପହଞ୍ଚାଇ ଦେବ । ସେ ମାର୍ଗରେ ଥିବା ବିଭିନ୍ନ ସୋପାନ ଗୁଡ଼ିକ ନବଧାଭକ୍ତି । ମୁଖ୍ୟତଃ ଭଜନ, କୀର୍ତ୍ତନ, ଦାସ୍ୟଭାବ, ସେବକ ଭାବେ ଜୀବନ ଯାପନକରୁ କରୁ ସାଧାରଣ ବ୍ୟକ୍ତି ସାଧକ ପାଲଟି ଯିବ ଓ ସାଧକ ମୁମୁକ୍ଷୁ ଓ ମୁମୁକ୍ଷୁ ଜୀବନର ଲକ୍ଷ ସୁଖଶାନ୍ତି ପ୍ରାପ୍ତି ହୋଇପାରିବ।

♥ ସଂପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ', ଅଲିଶା ବଜାର, କଟକ,
ମୋ : ୯୩୩୭୨୪୨୯୫୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୫ ଅକ୍ଟୋବର ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଗୁରୁ - ନିର୍ବାଚନ

♥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ୟୁନେସ୍କୋ ଓ ଏଜୁକେସନ ଇଣ୍ଟରନେସନାଲ ଆନୁକୂଲ୍ୟରେ ୧୯୯୪ରୁ ପ୍ରତି ବର୍ଷ ଅକ୍ଟୋବର ୫ରେ ବିଶ୍ୱ ସ୍ତରରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶିକ୍ଷକ ଦିବସ। ଭବିଷ୍ୟତର ପିଢ଼ିକୁ ଗଢ଼ିବାରେ ଶିକ୍ଷକ ସମାଜର ଅବଦାନକୁ କେହି ଅସ୍ୱୀକାର କରିପାରିବେନାହିଁ। ତେଣୁ ଶିକ୍ଷକ ମାନଙ୍କ ସମ୍ମାନର୍ଥେ ଶହେରୁ ଅଧିକ ଦେଶରେ ଏହି ଦିବସ ପାଳନ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଏଜୁକେସନ ଇଣ୍ଟରନେସନାଲର ସଦସ୍ୟ ସଂସ୍ଥା ସଂଖ୍ୟା ୪୦୧ । ଶିକ୍ଷା ବ୍ୟବସ୍ଥାର ବିକାଶ ଲାଗି ଏହି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଛନ୍ତି।

ଶିକ୍ଷା ପରମ୍ପରାରେ ଅତିବ ଗୁରୁତ୍ୱପୂର୍ଣ୍ଣ ଭାବେ ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା ? ସେ ପ୍ରବୃତ୍ତି ଅଭିଭୂତିର ଊର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା ? ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୁରାବସ୍ଥା ଆଉ କ'ଣ କିଛି ହୋଇପାରେ ?

> ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡ଼ିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡ଼ିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।

ପ୍ରବୃତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୂତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଚଳନ୍ଦ୍ର କହିଲେ - ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ । ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟକୁ କହି ଦେବା ଉଚିତ୍ - ମୁଁ ଯାହା ଜାଣେ ତାହା ତୁମକୁ କହିଲି । କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତମଙ୍କର ସନ୍ଧାନରେ ରୁହ । ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ । ସେହିଭଳି କାହାକୁ ପାଇଲେ ମୋତେ ମଧ୍ୟ ଜଣାଅ । ମୁଁ ମଧ୍ୟ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି ।

♥ ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ନେପାଳ ବିପ୍ଳବର ପୃଷ୍ଠଭୂମି



ଅଧ୍ୟାପକ ଗୋପବନ୍ଧୁ

ନିକଟରେ ଆମ ପଡୋଶୀ ନେପାଳରେ ରାଷ୍ଟ୍ରବିପ୍ଳବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜେନ-ଜି ଆନ୍ଦୋଳନ କୁହାଯାଉଛି। ଅର୍ଥାତ ଜେନେରେସନ୍-ଜେଡ୍, ଯେଉଁମାନେ ୧୯୯୭ ମସିହାରୁ ୨୦୧୨ ମସିହା ମଧ୍ୟରେ ଜନ୍ମଗ୍ରହଣ କରିଛନ୍ତି। ନେପାଳର ଏ ଆନ୍ଦୋଳନ ଛାତ୍ର ଓ ଯୁବକମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଯେଉଁମାନଙ୍କ ବୟସ ୧୪ ବର୍ଷରୁ ୩୦ ବର୍ଷ ମଧ୍ୟରେ। ଏହାର ପ୍ରଧାନ ଅସ୍ତ୍ର ଥିଲା ସାମାଜିକ ଗଣମାଧ୍ୟମ । ପରବର୍ତ୍ତୀ ସମୟରେ ସମସ୍ତ ବର୍ଗର ଲୋକ ଏଥିରେ ସାମିଲ ହୋଇଯାଇଥିଲେ। ଆମ ସମସ୍ତଙ୍କୁ ଜଣା ଯେ ଏହି ବର୍ଗର ପିଲାମାନେ ପ୍ରବଳଭାବେ ସାମାଜିକ ଗଣମାଧ୍ୟମ ସହିତ ଜଡ଼ିତ। ନେପାଳ ସରକାର ଯୋଜନାବଦ୍ଧଭାବେ କେତେକ ଇଣ୍ଟରନେଟ ଆପ୍‌କୁ ବନ୍ଦ କରିଦେବା ଯୋଗୁଁ ଏମାନେ ଉତକ୍ଷିପ୍ତ ହୋଇ ଉଠିଲେ। ବହୁସଂଖ୍ୟାରେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କଲେ। ଭିଡକୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷା କର୍ମୀମାନେ ଗୁଳିଚାଳନା କଲେ, ଯେଉଁଥିରେ ୧୯ ଜଣ ଛାତ୍ର-ଯୁବକ ମୃତ୍ୟୁବରଣ କଲେ। ଏହାପରେ ଆନ୍ଦୋଳନ ଆହୁରି ତୀବ୍ର ଓ ଉଗ୍ର ରୂପ ଧାରଣ କଲା। ଆନ୍ଦୋଳନ ଚାରିଆଡ଼େ ବ୍ୟାପିଗଲା।

ନେପାଳ ସରକାର ଫେସବୁକ୍, ହ୍ୱାଟ୍ସଆପ, ଇନଷ୍ଟାଗ୍ରାମ ପରି ସାମାଜିକ ଗଣମାଧ୍ୟମକୁ ବନ୍ଦ କରିଦେବା ଯୋଗୁଁ ଏପରି ସଂଘର୍ଷର ସୂତ୍ରପାତ ହୋଇଛି। ସେଠାକାର ସରକାର ଏପରି କରିବାର କାରଣ ହେଉଛି ସାମାଜିକ ଗଣମାଧ୍ୟମ ଜରିଆରେ ଉଲ୍ଲେଖିତ ବର୍ଗର ଛାତ୍ର ଓ ଯୁବକମାନେ ଦେଶରେ ପରିବ୍ୟାପ୍ତ ଥିବା ଭ୍ରଷ୍ଟାଚାର, ପ୍ରିୟାପ୍ରୀତି ତୋଷଣ ଓ ସାମାଜିକ ଭେଦଭାବକୁ ବ୍ୟାପକଭାବେ ପ୍ରଚାର ଓ ପ୍ରସାର କରୁଥିଲେ। ଆସ୍ତେ ଆସ୍ତେ ଏହା ଗଣ ଅସନ୍ତୋଷର ରୂପ ନେଉଥିଲା। ନେପାଳର ଲୋକସଂଖ୍ୟା ହେଉଛି ପାଖାପାଖି ତିନି କୋଟି। ଏମାନଙ୍କ ମଧ୍ୟରୁ ଶତକଡ଼ା ୯୦ ଭାଗ ଲୋକ ସାମାଜିକ ଗଣମାଧ୍ୟମର ବ୍ୟବହାର କରନ୍ତି। ସେଠାରେ ମଧ୍ୟ ସାଧାରଣ ଗଣମାଧ୍ୟମ ଗଡାଣିଆ ମିଡିଆରେ ପରିଣତ ହୋଇଥିଲା। ତେଣୁ ସମାଜିକ ଗଣମାଧ୍ୟମ ଜରିଆରେ ସାଧାରଣ ଲୋକେ ଅସନ୍ତୋଷକୁ ପ୍ରକାଶ କରୁଥିଲେ। କିପରି ନେତାମାନେ ଅମାପ ସମ୍ପତ୍ତି ଠୁଳ କରିବାରେ ଲାଗିଛନ୍ତି, କିପରି ତାଙ୍କ ଆର୍ଥିକ ସାମ୍ରାଜ୍ୟ ବଢାଇବାରେ ର ଲାଗିଛନ୍ତି, ବଡ଼ବଡ଼ ହୋଟେଲ, ମଲ ଓ ସ୍କୁଲର ମାଲିକ ଏମାନେ, ତାଙ୍କ ପରିବାରର ପିଲାମାନେ(ନେପୋ କିଡ୍ସ) ବିଳାସପୂର୍ଣ୍ଣ ଜୀବନଯାପନ କରୁଛନ୍ତି, ପିଲାମାନେ ବିଦେଶରେ ପାଠ ପଢୁଛନ୍ତି ଓ ଭ୍ରମଣରେ ଯାଇ ଆମୋଦ ପ୍ରମୋଦ କରୁଛନ୍ତି, ନିଜ ସମ୍ପର୍କୀୟମାନେ ଉଚ୍ଚ ପଦପଦବୀରେ ସ୍ଥାନିତ ହେଉଛନ୍ତି, ଅନ୍ୟପଟେ ଦେଶର ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି, ଧନୀ-ଦରିଦ୍ର ତାରତମ୍ୟ ବଢୁଛି, ବେକାରୀ ସଂଖ୍ୟା ବଢୁଛି, ଜୀବନ ଧାରଣର ମାନ ନିମ୍ନଗାମୀ ହେଉଛି, ଯେଉଁମାନେ ସ୍ୱର ଉତ୍ତୋଳନ କରୁଛନ୍ତି ତାଙ୍କୁ ମିଛ କେଶରେ ଜେଲରେ ପୂରାଯାଉଛି ଇତ୍ୟାଦି ଗଣ ମାଧ୍ୟମରେ ପ୍ରାମାଣିକ ତଥ୍ୟ ସହିତ ପ୍ରସାରିତ ହେଉଥିଲା, ଯାହା ସରକାରରେ ଥିବା ଲୋକମାନଙ୍କୁ ଅଡୁଆରେ ପକାଉଥିଲା।

ଗୁଳିକାଣ୍ଡ ପରେ ଆନ୍ଦୋଳନ ହିଂସ୍ରରୂପ ଧାରଣ କଲା। ପୋଡାଜଳା ଓ ଭଙ୍ଗାରୁଜା ଆରମ୍ଭ ହେଲା। ସରକାରରେ ଥିବା ବିଭିନ୍ନ ପଦାଧିକାରୀଙ୍କ ଉପରେ ଆକ୍ରମଣ ହେଲା। ସରକାରୀ କୋଠା ଓ ମନ୍ତ୍ରୀମାନଙ୍କ ଘରେ ନିଆଁ ଲଗାଇ ଦିଆଗଲା। ଏହି କ୍ରମରେ ସଂସଦ, ରାଷ୍ଟ୍ରପତି ଭବନ, ସରକାରଙ୍କ ଅନୁଗାମୀ ମିଡିଆ କୋଠା କାନ୍ତିପୁର, ମୁଖ୍ୟ ନ୍ୟାୟାଳୟ, ପ୍ରଧାନମନ୍ତ୍ରୀଙ୍କ ଘର, ପୂର୍ବ ପ୍ରଧାନମନ୍ତ୍ରୀଙ୍କ ଘରକୁ ପୋଡି ଦିଆହେଲା। ପ୍ରଧାନମନ୍ତ୍ରୀ କେପିଏସ୍ ଓଲି ଇସ୍ତଫା ଦେଲେ ଓ କାଠମାଣ୍ଡୁ ଛାଡି ପଳାଇଲେ। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ମାଡମରି ଲହୁଲୁହାଣ କରିଦିଆ ଗଲା। ବିତ୍ତମନ୍ତ୍ରୀଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡାଇ ପିଟାଗଲା। ଜଣେ ପୂର୍ବ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀକୁ ଜିଅନ୍ତା ପୋଡି ଦିଆଗଲା। ଯେଉଁ ଡିଏସପି ଫାଇରିଂ ଆଦେଶ ଦେଇଥିଲେ ତାଙ୍କୁ ଆନ୍ଦୋଳନକାରୀ ବିଚ୍ ରାସ୍ତାରେ ବାଡେଇ ବାଡେଇ ମାରି ଦେଇଛନ୍ତି। ପ୍ରଶାସନିକ ଅଧିକାରୀ ଓ ପୂର୍ବ ସରକାରଙ୍କ ଚାଟୁକାରମାନଙ୍କୁ ଆନ୍ଦୋଳନକାରୀ ଖୋଜି ଖୋଜି ଆକ୍ରମଣ କରିଛନ୍ତି। ମନ୍ତ୍ରୀମାନେ ଘରଛାଡ଼ି ପଳାଇଥିଲେ ଓ ସୈନିକ ସୁରକ୍ଷା ମଧ୍ୟରେ ରହିଥିଲେ। ଓଲି ସରକାରର ପତନ ପରେ ଏବେ ନୂଆ ଅନ୍ତରୀଣ ସରକାର ଗଠିତ ହୋଇଛି। ନେପାଳ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶିଳା କାର୍କି ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି। ଏବେ ସେନା ନିୟନ୍ତ୍ରଣରେ ନେପାଳ। ସେନାଧ୍ୟକ୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ଓଲି ବିପ୍ଳବୀଙ୍କ ଉପରେ ଗୁଳିଚାଳନା କରିବା ପାଇଁ ଦେଇଥିବା ଆଦେଶକୁ ଅମାନ୍ୟ କରିଥିଲେ। ଏବେ ସେ ବିପ୍ଳବୀ ନେତାଙ୍କ ସହିତ ଆଲୋଚନା କରି ଅନ୍ତରୀଣ ସରକାର ଗଠନ କରିବା ଦିଗରେ ମୁଖ୍ୟଭୂମିକା ଗ୍ରହଣ କରିଛନ୍ତି। ଛଅ ମାସ ମଧ୍ୟରେ ନିର୍ବାଚନ ହୋଇ ନୂଆ ସରକାର ଗଢ଼ା ହେବ। ବିପ୍ଳବୀମାନଙ୍କ ଦାବୀପୂରଣ ପାଇଁ ପଦକ୍ଷେପ ନିଆଯିବ।

ଅନ୍ୟ ଏକ ବିଷୟ ଘଟଣା ଚକ୍ରର ଅନ୍ୟତମ କାରଣ ବୋଲି ସମ୍ମୁଖକୁ ଆସୁଛି, ତାହା ହେଉଛି ନେପାଳରେ ପରିବ୍ୟାପ୍ତ ଜାତିବାଦ। ଭାରତବର୍ଷ ପରି ନେପାଳରେ ମଧ୍ୟ ବର୍ଣ୍ଣବ୍ୟବସ୍ଥା ରହିଛି। ସେଠାରେ ବ୍ରାହ୍ମଣଙ୍କ ସଂଖ୍ୟା ୧୨% ଓ କ୍ଷତ୍ରିୟଙ୍କ ୧୬%। ଅନ୍ୟମାନେ ଅନଗ୍ରସର ବର୍ଗର। ଅଗ୍ରସର ବର୍ଗର ଲୋକମାନେ ସମସ୍ତ ବଡବଡ ଆସନରେ ଥିଲେ। ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ବାଚସ୍ପତି, ମୁଖ୍ୟ ନ୍ୟାୟାଧୀଶ, ସେନାମୁଖ୍ୟ, ସଂଖ୍ୟାଧିକ ମନ୍ତ୍ରୀ ଓ ସାଂସଦ ଓ ଅନ୍ୟାନ୍ୟ ମୁଖ୍ୟ ପଦପଦବୀରେ ଅଗ୍ରସର ବର୍ଗର ଶତକଡ଼ା ୯୦ ଭାଗ ଲୋକ ଥିଲେ। ତେଣୁ ଅନଗ୍ରସର ବର୍ଗର ୭୦ ଭାଗରୁ ଅଧିକ ଲୋକ ନିଜକୁ ବଞ୍ଚିତ ଗୋଷ୍ଠୀଭାବେ ବିବେଚନା କରନ୍ତି। ଏହାକୁ ନେଇ ସାମାଜିକ ସ୍ତରରେ ଅସନ୍ତୋଷ ରହିଛି। ଯାହା ଏହି ବିପ୍ଳବରେ ପ୍ରତିଫଳିତ ହୋଇଛି। ଏମାନେ ସଂଖ୍ୟାଧିକଭାବେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କେତେକ ଏହାକୁ ଜାତି ସଂଘର୍ଷ ରୁପରେ ଅଭିହିତ କରିଛନ୍ତି। ଏହା ସଂଯୋଗ ହୋଇପାରେ ଯେ ଯେଉଁମାନଙ୍କ ଉପରେ ଆକ୍ରମଣ ହୋଇଛି ଓ ଘରପୋଡ଼ି ହୋଇଛି ସେମାନେ ଏହି ତଥାକଥିତ ଉଚ୍ଚ ବର୍ଗର। ତେଣୁ ଏହି ଆନ୍ଦୋଳନ ମଧ୍ୟରେ ଜାତି ସମସ୍ୟା ମଧ୍ୟ ରହିଛି।

ଏହା ପୁର୍ବରୁ ନେପାଳରେ ଅନ୍ୟ ଏକ ରାଷ୍ଟ୍ରବିପ୍ଳବ ଅନୁଷ୍ଠିତ ହୋଇ ଯାଇଛି ୨୦୦୬ ମସିହାରେ। ଏହା ରାଜତନ୍ତ୍ର ବିରୁଦ୍ଧରେ ଥିଲା। ଏହି ବିପ୍ଳବରେ କମ୍ୟୁନିଷ୍ଟ, ଗଣତନ୍ତ୍ର ପ୍ରେମୀ ଜନତା ଓ ଅନଗ୍ରସର ସମୁଦାୟର ଲୋକଙ୍କ ପ୍ରମୁଖ ଭୂମିକା ଥିଲା। ରାଜତନ୍ତ୍ରରେ ସମସ୍ତଙ୍କ ପାଇଁ ସମାନ ନିୟମ ନଥିଲା। ସମାନ ଦୋଷ ପାଇଁ ଜଣେ ବ୍ରାହ୍ମଣଙ୍କୁ ଯେଉଁ ଦଣ୍ଡ ଦିଆ ଯାଉଥିଲା ଜଣେ ଦଳିତକୁ ତାଠାରୁ ଅଧିକ ଦଣ୍ଡ ଦିଆ ଯାଉଥିଲା। ତେଣୁ ସମାଜର ତଳ ଜାତିର ଲୋକମାନେ ରାଜତନ୍ତ୍ରକୁ ହଟାଇବାକୁ ପୂର୍ଣ୍ଣ ସହଯୋଗ କରିଥିଲେ। ରାଜତନ୍ତ୍ର ହଟିଲା ପରେ ଦେଖାଗଲା ଶାସନ କଳ ଗୋଟିଏ ଦୁଇଟି ଜାତିର ହାତ ମୁଠାରେ ରହୁଛି। ଏ ବ୍ୟବସ୍ଥାକୁ ଭାଙ୍ଗିବା ପାଇଁ ବଞ୍ଚିତ ଲୋକମାନେ ଆନ୍ଦୋଳନରେ ବହୁସଂଖ୍ୟାରେ ସାମିଲ ହୋଇଥିଲେ। ନେପାଳର ଜେନ-ଜି ଯୁବପିଢି ସାମାଜିକ ଗଣମାଧ୍ୟମରେ ବିଶ୍ୱକୁ ଦେଖୁଛନ୍ତି। ଭାରତବର୍ଷ ଓ ନେପାଳକୁ ଛାଡି କେଉଁଠାରେ ଜାତିବ୍ୟବସ୍ଥା ନାହିଁ। ତେଣୁ ସେମାନେ ନୂଆ ସମତାଭିତ୍ତିକ ସମାଜ କଥା ଚିନ୍ତା କରୁଛନ୍ତି। ଭାରତବର୍ଷର ସାମାଜିକ ନ୍ୟାୟ ଆନ୍ଦୋଳନର ପ୍ରଭାବ ସେଠାରେ ମଧ୍ୟ ରହିଛି।

ଦକ୍ଷିଣ ଏସିଆରେ ଆମ ପଡୋଶୀ ଦେଶମାନଙ୍କରେ ରାଷ୍ଟ୍ରବିପ୍ଳବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଲଙ୍କା, ବାଂଲାଦେଶ ପରେ ଏବେ ନେପାଳରେ ଏହା ହେଲା। ପାକିସ୍ଥାନ, ଆଫଗାନିସ୍ଥାନ ଓ ମାଳଦ୍ୱୀପରେ ସର୍ବଦା ଜନ ଅସନ୍ତୋଷ ଲାଗିରହିଛି। ଏଥିପାଇଁ ଆମକୁ ସତର୍କ ରହିବାକୁ ହେବ। କାରଣ ନେପାଳ ଓ ଭାରତର ସାମାଜିକ ଅବସ୍ଥା ସମାନ। ଆମ ଦେଶରେ ମଧ୍ୟ ବିଭିନ୍ନ ସମୟରେ ନେତାଙ୍କ ବିରୋଧରେ ଲମ୍ବା ଭ୍ରଷ୍ଟାଚାର ଅଭିଯୋଗ ରହିଛି। ଶାସନ ଓ ପ୍ରଶାସନରେ ଭ୍ରଷ୍ଟାଚାର ବ୍ୟାପକ। ନେପାଳ ପରି ଭାରତରେ ଅନେକ ବଡ ନେତାଙ୍କ ପିଲାମାନେ ବିଦେଶରେ ପଢ଼ନ୍ତି। ନିଜ ପିଲାମାନଙ୍କୁ ଉଚ୍ଚ ପଦପଦବୀ ଦିଆଯାଏ। ଏବେ ନୂତନଭାବେ ଭୋଟ୍ ଜାଲିଆତିର ଅଭିଯୋଗ ଆସିଛି। ଏଥିପାଇଁ ଗଣତନ୍ତ୍ର ପ୍ରେମୀ କ୍ଷୁବ୍ଧ। ଦେଶର ଅର୍ଦ୍ଧାଧିକ ସମ୍ପତ୍ତି ମୁଷ୍ଟିମେୟ କେତେ ଜଣ ପୁଞ୍ଜିପତିଙ୍କ ମାଲିକାନାରେ ରହିଛି। ଦେଶର ଶିକ୍ଷାବ୍ୟବସ୍ଥା ନିମ୍ନଗାମୀ। ବେକାରୀ ସଂଖ୍ୟା ପ୍ରବଳ। ନିଯୁକ୍ତି ପାଇଁ ପରୀକ୍ଷା ପତ୍ର ବାରମ୍ୱାର ପ୍ରଘଟ ହେଉଛି। ନିଯୁକ୍ତିରେ ସ୍ୱଚ୍ଛତା ନାହିଁ ବୋଲି ଅନେକଙ୍କ ବିଶ୍ୱାସ। ଶାସନରେ ସ୍ୱେଚ୍ଛାଚାରିତା ଭାବ ଅନୁଭୂତ ହେଉଛି। ଜାତିବାଦ ତୀବ୍ର ରହିଛି। ଏଠାରେ ମଧ୍ୟ ଅଗ୍ରସର ଜାତି ସମୂହ ସଂଖ୍ୟାଧିକ ଆସନରେ ବସିଛନ୍ତି। ଅନ୍ୟମାନଙ୍କୁ ସମାନ ଭାଗୀଦାରୀ ଦିଆଯାଉ ନାହିଁ। ଏହାକୁ ନେଇ ସାମାଜିକ ଅସନ୍ତୋଷ ରହିଛି।

ଦେଶରେ ବିସ୍ଫୋରକ ଅବସ୍ଥା ରହିଛି। ତେଣୁ ବେଳହୁଁ ସାବଧାନ ହେବା ଉଚିତ। ଶାସକବର୍ଗ ସ୍ୱେଚ୍ଛାଚାରିତା ଛାଡ଼ି ଲୋକାଭିମୁଖୀ ହେବା ଉଚିତ୍। ଦମନ ନୀତିକୁ ପରିତ୍ୟାଗ କରାଯାଉ। ଶାସନ ଓ ପ୍ରଶାସନକୁ ଭ୍ରଷ୍ଟାଚାର ମୁକ୍ତ କରାଯାଉ ଓ ପ୍ରିୟାପ୍ରୀତି ତୋଷଣ ବନ୍ଦ ହେଉ। ଶିକ୍ଷାର ବିକାଶ ଉପରେ ଧ୍ୟାନ ଦିଆଯାଉ। ବେକାର ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ହେଉ। ସାମାଜିକ ସ୍ତରରେ ଥିବା ବିଭେଦକୁ ଦୂର କରାଯାଉ। ଆଦିବାସୀ, ଦଳିତ ଓ ଓବିସିଙ୍କୁ ସମସ୍ତ କ୍ଷେତ୍ରରେ ସଂଖ୍ୟାନୁପାତିକ ଅଧିକାର ଦିଆଯାଉ। ସାମ୍ବିଧାନିକ ସଂସ୍ଥାଗୁଡିକୁ ନିରପେକ୍ଷ ରଖାଯାଉ। ସମ୍ବିଧାନକୁ ଉଚିତ ସମ୍ମାନ ଦେଲେ ଓ ସଠିକଭାବେ କର୍ଯ୍ୟକାରୀ କଲେ ସମସ୍ତ ସମସ୍ୟାର ସମାଧାନ ହୋଇ ପାରିବ। ପଡୋଶୀ ରାଷ୍ଟ୍ର ବିପ୍ଳବରୁ ଅନେକ କିଛି ଶିଖିବାର ଅଛି।

♥ ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

ଡ. ସାରଙ୍ଗଧର ତ୍ରିପାଠୀ

## ୯ ଏକ ଶବ



ପ୍ରାସାଦକୁ ଫେରିବା ପର୍ଯ୍ୟନ୍ତ ସେ ତଥାପି ଅସନ୍ତୁଷ୍ଟ ଥିଲେ ଏବଂ ଅଧିକ କିଛି ଭାବି ପାରୁନଥିଲେ। ତାଙ୍କର ଏପରି ପରିବର୍ତ୍ତନକୁ ଦେଖି ରାଜା ଭାରି ଦୁଃଖିତ ହେଲେ। ମାତ୍ର ରାଜକୁମାର ପୁନର୍ବାର ପ୍ରାସାଦ ବାହାରକୁ ଯାଇ ନଗରଜୀବନକୁ ଆହୁରି ଅଧିକ ଦେଖିବା ପାଇଁ ଅନୁମତି ଦେବାକୁ ପିତାଙ୍କୁ ପ୍ରାର୍ଥନା କଲେ। ପୁତ୍ରକୁ ବାଧା ଦେବାକୁ ଚେଷ୍ଟା କରି କୌଣସି ଲାଭ ନାହିଁ ମନେକରି ରାଜା ସହମତି ପ୍ରକାଶ କଲେ।

ଏଥର ମଧ୍ୟ ରାଜକୁମାର ସମ୍ଭ୍ରାନ୍ତ ପୋଷାକ ପିନ୍ଧି ଚନ୍ନା ସହ ପ୍ରାସାଦ ବାହାରକୁ ଯାଇ କପିଳାବସ୍ତୁର ଅନେକସ୍ଥାନ ପରିଭ୍ରମଣ କଲେ। ତତ୍ପରେ ସେ ଦେଖିଲେ କିଛିଲୋକ ରାସ୍ତାରେ କାନ୍ଦିକାନ୍ଦି ଚାଲିଛନ୍ତି। ତାଙ୍କ ସହ ଚାରିଜଣ ଲୋକ ସ୍ଥିର ଭାବେ ଶୋଇଥିବା ଗୋଟିଏ ଅତି ଦୁର୍ବଳ ଲୋକର କୋକେଇକୁ କାନ୍ଧେଇ ଚାଲିଛନ୍ତି। ସେ ଏକ ପଥର ପରି ଥିଲା, ଯିଏ ଆଦୌ କିଛି କହୁନଥିଲା। ତତ୍ପରେ ଲୋକମାନେ କିଛି ଦୂର ଯାଇ ଏହି ଲୋକଟିକୁ କିଛି କାଠ ଉପରେ ରଖିଲେ ଏବଂ କାଠରେ ଅଗ୍ନି ସଂଯୋଗ କଲେ। କାଠଗଦାର ଚାରିପାଖେ ନିଆଁ ଜଳୁଥିବା ସତ୍ତ୍ୱେ ତା'ର ଧାସରେ ଲୋକଟି ଆଦୌ ହଲ୍‌ଚଲ୍ ହେଲା ନାହିଁ।

"ଏ କ'ଣ ଚନ୍ନା ? ଲୋକଟି ତଥାପି କାହିଁକି ଲୋକମାନେ ତାକୁ ନିଆଁଲଗାଇ ଦେବା ପର୍ଯ୍ୟନ୍ତ ଏପରି ପଡ଼ିରହିଛି ?"

"ସେ କିଛି ଜାଣିପାରୁନାହିଁ। ସେ ମୃତ।" - ଉତ୍ତର ଦେଲେ ଚନ୍ନା।

"ମୃତ ! ଚନ୍ନା, ଏହାକୁ କହନ୍ତି ମୃତ୍ୟୁ ? ପ୍ରତ୍ୟେକ ବ୍ୟକ୍ତି ଏହି ଲୋକ ପରି ମୃତ୍ୟୁବରଣ କରନ୍ତି ?"

"ହଁ, ମୋ ପ୍ରିୟ ରାଜକୁମାର, ପ୍ରତ୍ୟେକ ସଜୀବ ପଦାର୍ଥ ଦିନେନା ଦିନେ ନିଶ୍ଚିତ ମୃତ୍ୟୁବରଣ କରିବେ। କେହିବି ଆସୁଥିବା ମୃତ୍ୟୁକୁ ରୋକି ପାରିବେ ନାହିଁ।" ଉତ୍ତର ଦେଲେ ଚନ୍ନା।

ରାଜକୁମାର ସ୍ତମ୍ଭୀଭୂତ ଓ ଚକିତ ହୋଇଗଲେ ଏବଂ ଅଧିକ କିଛି କହିପାରିଲେ ନାହିଁ। ସେ ଭାବିଲେ ଏହିପରି ମୃତ୍ୟୁ ନାମରେ କଥିତ ଭୟଙ୍କର ଜିନିଷ ପ୍ରତ୍ୟେକଙ୍କ ଜୀବନରେ ଆସିବ, ଏପରିକି ରାଜା ଓ ରାଜକୁମାରଙ୍କୁ ମଧ୍ୟ। ଏହାକୁ ବନ୍ଦ କରିବା ପାଇଁ କ'ଣ କୌଣସି ଉପାୟ ନାହିଁ ? ସେ ନୀରବରେ ଘରକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ନିଜ ପ୍ରାସାଦ ଅନ୍ତର୍ଗତ ନିଜ କୋଠରୀରେ ଦିନ ତମାମ୍ ବସି ଭାବିବାକୁ ଲାଗିଲେ।

ସେ ଖୁବ୍ ଦୁଃଖିତ ଓ ବିଷାଦିତ ହୋଇ କହିଲେ, "ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ଦିନେ ନିଶ୍ଚିତ ମୃତ୍ୟୁବରଣ କରିବେ। କେହି ବି ଏହାକୁ ବନ୍ଦ କରିବାର ଉପାୟ ଖୋଜି ପାଇବେ ନାହିଁ। ଓଃ ! ଏହାକୁ ବନ୍ଦ କରିବାର କିଛିନା କିଛି ଉପାୟ ନିଶ୍ଚିତ ଥିବ। ମୁଁ ତାହାକୁ ନିଶ୍ଚିତ ଖୋଜି ବାହାର କରିବି ଏବଂ ସାରା ପୃଥିବୀକୁ ସାହାଯ୍ୟ କରିବି। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ
'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ଦଶହରା...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ପୂଜା ମେଡ଼ ଦେଖିବାକୁ ଗଲାବେଳେ ମଧ୍ୟ ସେହି ସମାନ କଥା । ସମସ୍ତଙ୍କୁ ଭଲ ଭଲ ଖାଇବା ଦିଅନ୍ତି କିନ୍ତୁ ନିଜେ ଖାଆନ୍ତିନି । ଆଉ ମୁଁ ଯେତେବେଳେ କୁହେ ବାପା ତୁମେ ଖାଅ । ସେତେବେଳେ ବାପା କୁହନ୍ତି ମୋ ପେଟ ଖରାପ । ବୋଉ କୁହେ ଖାଉନ । ସେ କୁହନ୍ତି, ତୁମେମାନେ ଖାଅ । ମୋତେ ଭୋକ ନାହିଁ । କିନ୍ତୁ ମୁଁ ଜାଣିଥାଏ କାହିଁକି ମୋ ବାପା କିଛି ଖାଆନ୍ତିନି । ସେଥିପାଇଁ ମୁଁ କୁହେ, ଏତେ ଖାଇବା ଖାଇପାରିବିନି ବାପା, ତମେ ଖାଇଦିଅ । ସେତେବେଳେ ବାପା କୁହନ୍ତି କଣ ଏତିକି ଖାଇବା ଖାଇ ପାରୁନୁ, ଖାଇଦେ । ସେତେବେଳେ ମୁଁ କୁହେ ନା ବାପା ଖାଇ ହେବନି, ତମେ ଖାଇଦିଅ । ତାପରେ ବାପା ସେହି ଖାଇବା ଖାଆନ୍ତି । ହେଲେ ଏବେ ଦେଖ, ସେତେବେଳେ ମୋ ବାପା ଆମ ପାଇଁ କଣ ଥିଲେ ଆଉ ଆଜି ମୋଠାରୁ ଜନ୍ମ ନେଇଥିବା ପୁଅ ମୋ ପାଇଁ କଣ । ମୁଁ ଗରିବ ହୋଇପାରେ କିନ୍ତୁ ମୋ ପିଲାଙ୍କୁ ଅଭାବରେ ରଖିନଥିଲି କିନ୍ତୁ ମୋ ପିଲା ମୋତେ ଅଭାବରେ ରଖିଦେଲେ । ପଇସା ଅଭାବ ନୁହେଁ; ସ୍ନେହ, ପ୍ରେମ, ଦୟାର ଅଭାବ । ବୋଧହୁଏ ମୁଁ ସେମାନଙ୍କ ପାଇଁ ଆଜି ଅଲୋଡ଼ା ମଣିଷ ହୋଇଯାଇଛି । ସେଥିପାଇଁ ସମସ୍ତଙ୍କ ଘରେ ଖୁସି ଅଛି, ଆଉ ମୋ ଖୁସି ଏଇ ରାସ୍ତାକଡରୁ ମିଳୁଛି ।

ତେବେ ଦଶହରା ଆସିଛି କାହା ଖୁସିର କାରଣ ବନିଯାଆନ୍ତୁ । ଆପଣଙ୍କ ଅଳ୍ପ ବକ୍ସିସ ଟଙ୍କା ମଧ୍ୟ ଅନ୍ୟ ମାନଙ୍କୁ ଅନେକ ଖୁସି ଦେବ । କାହିଁକି ନା ସମସ୍ତଙ୍କ ପାଇଁ ସବୁ ଦଶହରା ଯଦି ସମାନ ହୋଇନଥାଏ । ଏଥର ଦଶହରାରେ କିଛି ସମାନତା ଭାବ ଆଣିଦିଅନ୍ତୁ । ଦେଖିବେ ଅନ୍ୟମାନେ ମଧ୍ୟ ଏଥର ଦଶହରାରେ ହସିବେ । କିଏ ଆପଣଙ୍କ ପାଇଁ ହସିବେ ତ ଆଉ ଆପଣ କାହା ଖୁସିର କାରଣ ହୋଇଯିବେ । ଅଫିସମାନଙ୍କରେ ମଧ୍ୟ ଯଦି କୌଣସି କର୍ମଚାରୀଙ୍କୁ ଦଶହରା ବକ୍ସିସ ଦେଇ ହେଉନି କିଛି କଥା ନାହିଁ କିନ୍ତୁ ଛୋଟଛୋଟ କର୍ମଚାରୀମାନଙ୍କୁ ନିଶ୍ଚିନ୍ତ କିଛି ବକ୍ସିସ ଦିଅନ୍ତୁ । ଦେଖିବେ ଆପଣଙ୍କ ବକ୍ସିସ ଟଙ୍କାରେ ସେମାନଙ୍କ ପରିବାରରେ ଗୋଟେ ଅଲଗା ପ୍ରକାରର ଖୁସି ଦେଖିବାକୁ ପାଇବେ ।

❤ ଅନ୍ଧାରୁଆ, ଭୁବନେଶ୍ୱର
ମୋ:୯୦୯୦୬୬୧୫୮୬

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପରୀକ୍ଷା କେଲେଙ୍କାରୀ...

ଆସନ୍ତା ୬ ତାରିଖରେ ଆନ୍ଦୋଳନ ଚେତାବନୀ ଦେଇଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ । ହେଲେ ବିଜେପି ପୁଣି ପୂର୍ବ ସରକାରଙ୍କୁ ଦୋଷ ଦେଇଛି । ପୂର୍ବ ସରକାରରେ ଏମିତି ଅନେକ ଜାଲିଆତି ହୋଇଥିବା କହିଛି ଦଳ । ଜେଲରେ ପିଲାଙ୍କୁ ଭେଟିବାକୁ ପରିବାର ଲୋକଙ୍କ ଭିଡ଼ । ପରୀକ୍ଷାର୍ଥୀଙ୍କ ବଦଳରେ ସିଣ୍ଡିକେଟ୍ ମୁଖ୍ୟଙ୍କୁ ଧରିବାକୁ ଦାବି ଜୋର ଧରିଛି । ହେଲେ ଏବେ ବି ମାଷ୍ଟର ମାଇଣ୍ଡ ପାଖରେ ପହଞ୍ଚି ପାରିନି ତଦନ୍ତକାରୀ ସଂସ୍ଥା ।

### ଦିଲ୍ଲୀରେ ନଡ୍ଡାଙ୍କୁ ଭେଟିଲେ ...

ସାମିଲ ହୋଇ ନୂଆପଡାର ଦାୟିତ୍ୱ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ। ସୂଚନା ଅନୁସାରେ, ଆସନ୍ତା ସୋମବାର ପୁଣିଥରେ ନୂଆପଡା ଗସ୍ତ କରିବେ ମୋହନ ମାଝୀ । ଏଥର ଜନସଭାକୁ ସମ୍ବୋଧିତ କରି ନୂଆପଡାବାସୀଙ୍କୁ ବିଭିନ୍ନ ପ୍ରକଳ୍ପର ଭେଟି ଦେବେ। ମୁଖ୍ୟମନ୍ତ୍ରୀଙ୍କ ନୂଆପଡା ଗସ୍ତ ରାଜନୈତିକ ଦୃଷ୍ଟିକୋଣରୁ ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ । କାରଣ ଖୁବଶୀଘ୍ର ନୂଆପଡା ଉପ-ନିର୍ବାଚନ ପାଇଁ ଘୋଷଣା ହେବ ତାରିଖ । ନୂଆପଡା ଉପ-ନିର୍ବାଚନ ସରକାର ଗଢିବନି କି ଭାଙ୍ଗିବନି । ପୂର୍ବରୁ ବିଜେଡି ଦଖଲରେ ଥିଲା ଏହି ଆସନ। ହେଲେ ସରକାରରେ ଥିବାରୁ ବିଜେପି ପାଇଁ ନୂଆପଡା ଆସନରେ ବିଜୟୀ ହେବା ବେଶ ଗୁରୁତ୍ୱପୂର୍ଣ୍ଣ ।

### ଦକ୍ଷିଣ-ପଶ୍ଚିମ ଓଡ଼ିଶାକୁ ...

ସେହିପରି ଫୁଲବାଣୀ ଅଞ୍ଚଳର ଭୁସ୍ଖଳନ ସମ୍ପର୍କରେ ଜିଲ୍ଲାପାଳଙ୍କ ସହ ସମୀକ୍ଷା ପରେ ପ୍ରତିକ୍ରିୟା ରଖିଛନ୍ତି ଦକ୍ଷିଣାଞ୍ଚଳ ଆରଡିସି । ସେପଟେ ଲଗାଣ ବର୍ଷାରେ ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି । କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଲେ ସାଂସଦ ସପ୍ତଗିରି ଉଲ୍ଲାକା । ପ୍ରବଳ ବର୍ଷାରେ ଗୁଣୁପୁର ବ୍ଲକର ପୁଟାସିଂ ଏବଂ ଟୋଳନା ପଞ୍ଚାୟତ ବିଶେଷ ଭାବେ ପ୍ରଭାବିତ ହୋଇଛି । ଏହି ଦୁଇଟି ପଞ୍ଚାୟତର ବିଭିନ୍ନ ସ୍ଥାନର ଆପ୍ରୋଚ୍ ରୋଡ଼ ଓ ରାସ୍ତା ଧସିଯିବା ସହ ଧାନ ଓ କପା ଚାଷ ବ୍ୟାପକ ପରିମାଣରେ ନଷ୍ଟ ହୋଇଛି । କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ପୁଟାସିଂ ଏବଂ ଟୋଳନା ପଞ୍ଚାୟତର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି । କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ପରେ କ୍ଷତିଗ୍ରସ୍ତ ଚାଷୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ପରେ ଶ୍ରୀଯୁକ୍ତ ଉଲ୍ଲାକା ଗୁଣୁପୁର ବ୍ଲକ ଅନ୍ତର୍ଗତ ପ୍ରଭାବିତ ଆବାଡ଼ା ଓ ଶଗଡ଼ା ଅଞ୍ଚଳ ଗସ୍ତ କରିଥିଲେ । ସାଂସଦଙ୍କ ଗ୍ରସ୍ତ ସମୟରେ ଗୁଣୁପୁର ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

### କ୍ଲାସ ଚାଲିଥିବା ସମୟରେ...

କାନପୁର ନେବା ସମୟରେ କମଲଗଞ୍ଜ ନିକଟରେ ଆକାଶ କଶ୍ୟପଙ୍କରର ମୃତ୍ୟୁ ହୋଇଥିଲା। ଜିଲ୍ଲାପାଳ ଆଶୁତୋଷ କୁମାର ଦ୍ୱିବେଦୀ ଏବଂ ପୋଲିସ ଅଧୀକ୍ଷକ ଆରତୀ ସିଂହ ଘଟଣାସ୍ଥଳରେ ପହଂଚି ଆହତ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିବାବେଳେ ଘଟଣାସ୍ଥଳରୁ ବାରୁଦର ଗନ୍ଧ ବାହାରୁଥିଲା। କଣ ପାଇଁ ବିସ୍ଫୋରଣ ହେଲା ତାହାର କାରଣ ତଦନ୍ତ କରାଯାଉଛି।

### ମଧ୍ୟପ୍ରଦେଶରେ ୯ ଶିଶୁଙ୍କ ...

କୋଲଡ୍ରିଫ୍ ସିରପ୍ ଯୋଗୁଁ ଛିନ୍ଦୱାଡାରେ ପିଲାଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ। ଏହି ସିରପ୍ ବିକ୍ରୟ ସମଗ୍ର ମଧ୍ୟପ୍ରଦେଶରେ ନିଷିଦ୍ଧ କରାଯାଇଛି। ସିରପ୍ ପ୍ରସ୍ତୁତ କରୁଥିବା କମ୍ପାନୀର ଅନ୍ୟ ଉତ୍ପାଦ ବିକ୍ରୟ ଉପରେ ମଧ୍ୟ ନିଷେଧ କରାଯାଉଛି। ସେ କହିଛନ୍ତି ଯେ, ସିରପ୍ ତିଆରି କରୁଥିବା କାରଖାନା କାଂଚିପୁରମରେ ଅବସ୍ଥିତ, ତେଣୁ ଘଟଣା ଜାଣିବା ପରେ, ରାଜ୍ୟ ସରକାର ତାମିଲନାଡୁ ସରକାରଙ୍କୁ ତଦନ୍ତ କରିବାକୁ କହିଥିଲେ। ଆଜି ସକାଳେ ତଦନ୍ତ ରିପୋର୍ଟ ମିଳିଛି। ରିପୋର୍ଟ ଆଧାରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପିଲାମାନଙ୍କ ଦୁଃଖଦ ମୃତ୍ୟୁ ପରେ ସ୍ଥାନୀୟ ସ୍ତରରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ଏହି ମାମଲାର ତଦନ୍ତ ପାଇଁ ରାଜ୍ୟ ସ୍ତରରେ ମଧ୍ୟ ଏକ ଦଳ ଗଠନ କରାଯାଇଛି। ଦୋଷୀମାନଙ୍କୁ କୌଣସି ପ୍ରକାରେ ଛଡ଼ାଯିବ ନାହିଁ।

### ବିପର୍ଯ୍ୟୟ ଭବନ...

ବିପର୍ଯ୍ୟୟ ସମୟରେ କାମ କରୁଥିବା ସଂସ୍ଥା ଗୋଟିଏ ଛାତ ତଳେ ରହିବେ । ସବୁ ବିଭାଗ ନିଜ ଭିତରେ ସହଯୋଗ ରକ୍ଷା କରି କାମ କରିବେ । ସବୁ ଜିଲ୍ଲାକୁ ଏହି ଭବନରୁ ଯେମିତି ଯୋଡ଼ି ହେବ ସେ ନେଇ ବ୍ୟବସ୍ଥା କରାଯିବ । ଏ ନେଇ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି । ବିପର୍ଯ୍ୟୟ ମୁକାବିଲା ।ଇଁ ଆଧୁନିକ ଜ୍ଞାନକୌଶଳର ସାହାଯ୍ୟ ବି ମଗାଯାଇଛି । ବିର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ହେଲେ ମଧ୍ୟ ଆଗକୁ ଆହୁରି କାମ କରାଯାଇପାରିବ । ତା ।ଇଁ ବର୍ତ୍ତମାନ ଠାରୁ ପଦକ୍ଷେ ଆରମ୍ଭ କରାଯାଉଛି ବୋଲି ସେ କହିଛନ୍ତି ।

### ଏସଆଇ ପରୀକ୍ଷା ...

ସ୍କାମ ନେଇ ଓଡିଶା ଚାଲିଛି ବୋଲି ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତ୍ରୀ ସୋନାଲି ସାହୁ । ଆରଏସଏସ ଓ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଓ ତାଙ୍କ ପିଲାଙ୍କୁ ଏହି ପରୀକ୍ଷାରେ ପାସ କରେଇବାକୁ ମୋହନ ସରକାର ଏଭଳି ପ୍ରୟାସ କରିଥିବା ଅଭିଯୋଗ ଆଣିଲା କଂଗ୍ରେସ । ସେପଟେ ଛାତ୍ର କଂଗ୍ରେସ ନେତା ଅଭିଯୋଗ କରିଛନ୍ତି ଯେ କେବଳ ବଣିକ ଗ୍ରୁପ ମଧ୍ୟ ଏହି ସ୍କାମରେ ମାଷ୍ଟର ମାଇଣ୍ଡ । ଅନେକ୍ ପିଲାଙ୍କ ନାଁ ଏହି ସ୍କାମରେ ରହିଛି, ବଣିକର ମାଲିକ ବିଜେଡି ନେତା । ତାଙ୍କୁ ଯାଞ୍ଚ କରିବେ କି ସରକାର ବୋଲି ପ୍ରଶ୍ନ ଉଠାଇଛି କଂଗ୍ରେସ ।

## ସାହିତ୍ୟ ସଂସଦ ପକ୍ଷରୁ ଦିବଂଗତ ପ୍ରାଧ୍ୟାପକ ଉମେଶ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ଖଇରା, ୦୪/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ଆଦର୍ଶ ପ୍ରାଧ୍ୟାପକ,ସାରସ୍ୱତ ସାଧକ,ଅନୁଷ୍ଠାନ ପ୍ରେମୀ, ସୁସଙ୍ଗଠକ, ଯୋଗ ସାଧକ ତଥା ସମାଜ ସଂସ୍କାରକ ସ୍ୱର୍ଗତ ଉମେଶ ଚନ୍ଦ୍ର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିସଭା ଶନିବାର ଦିନ ଖଇରା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଖଇରା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ କବି ମାୟାଧର ନାୟକ ଅଧ୍ୟକ୍ଷତା କରିଥିଲେ । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଉମେଶ ବାବୁ ଜଣେ ମିଷ୍ଟଭାଷୀ ଓ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି ପ୍ରକାଶ କରିଥିଲେ । ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ,ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଅଜୟ ନାୟକ,ବସନ୍ତ ଖିଲାର ପ୍ରମୁଖ ବକ୍ତା ଭାବେ ଯୋଗ ଦେଇ ସମସ୍ତଙ୍କର ପ୍ରିୟ ଉମେଶ ସାର ଅନେକ କଷ୍ଟ ଯନ୍ତଣା ଭିତରେ ଥାଇ ବି ମନଖୋଲା ହସି ପାରୁଥିଲେ ବୋଲି କହିଥିଲେ । ଏହି ଅବସରରେ ସ୍ମରଣିକା "ଅମ୍ଳାନ ଉମେଶ ଚନ୍ଦ୍ର" ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସମ୍ପାଦକ ରଘୁନାଥ ପତ୍ରୀ ପ୍ରାରମ୍ଭିକ ସୂଚନା,ଶଶିକାନ୍ତ ଦାସ ମଞ୍ଚ ଆହ୍ୱାନ, ବୁଦ୍ଧିରାମ ପାଣିଗ୍ରାହୀ ଗୀତାପାଠ ଓ ସଙ୍କୀର୍ତ୍ତନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ମୟୂରଭଞ୍ଜ ଜିଲ୍ଲାରେ ଆଦି କର୍ମଯୋଗୀ ଅଭିଯାନ ପରିପ୍ରେକ୍ଷୀରେ ୧୩୬୩ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ




ବାରିପଦା, ୦୪/୧୦ (ନି.ପ୍ର): ଆଦି କର୍ମଯୋଗୀ ଅଭିଯାନରେ ଭାରତ ସରକାରଙ୍କ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମୟୂରଭଞ୍ଜର ୧୩୬୩ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ସଫଳତାର ସହ ଆୟୋଜିତ ହୋଇଯାଇଛି । ଆଦିବାସୀ ମାନଙ୍କୁ ସେମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ନିଜ ନିଜ ବକ୍ତବ୍ୟ ପରିପ୍ରକାଶ ପାଇଁ ଏହା ଏକ ଉତ୍ତମ ଓ ସରଳ ମାଧ୍ୟମ। ଗ୍ରାମସଭା ମାଧ୍ୟମରେ ଗ୍ରାମ ବିକାଶର ପୂର୍ଣ୍ଣାଙ୍ଗ ନକ୍ସା ଓ କାର୍ଯ୍ୟ ଯୋଜନା ପ୍ରସ୍ତୁତିକରି ସମ୍ପ୍ରଦାୟ ଗୁଡିକର ନିଜସ୍ୱ ବିକାଶ ଯାତ୍ରାକୁ ଶକ୍ତିଶାଳୀ କରିବା ଉଦେଶ୍ୟରେ ପରିକଳ୍ପନା କରାଯାଇଛି ।ଏହି ଅଭିଯାନରେ ଜିଲ୍ଲାର ସମସ୍ତ ବ୍ଲକର ୧୩୬୩ ଗ୍ରାମକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି , ୧୩୬୩ ଗ୍ରାମରେ ସିଙ୍ଗଲ-ୱିଣ୍ଡୋ କେନ୍ଦ୍ର ସ୍ଥାପନ କରିବା ସହ ପ୍ରତି ରବିବାର ଲୋକଙ୍କୁ ସେମାନଙ୍କ ବିକାଶ ସମ୍ପର୍କିତ ପ୍ରସ୍ତାବ, ଆପତ୍ତି , ଅଭିଯୋଗ କରିବାର ସୁଯୋଗ ଦିଆଯିବ ବୋଲି ଜିଲ୍ଲାପାଳ ହେମକାନ୍ତ ସୟ କହିଛନ୍ତି । ଯୋଜନାର ସଫଳ ରୂପାୟନ ପାଇଁ ବ୍ଲକର ବିଡ଼ିଓ , ଉପଜିଲ୍ଲାପାଳ, ଜିଲ୍ଲାର ସମସ୍ତ ୪ ଗୋଟି ଆଇ ଟି ଡି ଏ ର ପ୍ରକଳ୍ପ ପ୍ରସାଶକଙ୍କ ସହ ବିଭିନ୍ନ ବିଭାଗର ଅଫିସରଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି । ଗ୍ରାମର ବିକାଶ ନକ୍ସା-୨୦୩୦ ଓ କାର୍ଯ୍ୟ ଯୋଜନା ପ୍ରସ୍ତୁତି , ସିଙ୍ଗଲ-ୱିଣ୍ଡୋ ସେବାକେନ୍ଦ୍ର ପ୍ରତିଷ୍ଠା , ଯୁବକମାନଙ୍କୁ ଆଦିସାଥୀ ଭାବେ ସକ୍ରିୟ କରିବ । ପଞ୍ଚାୟତସ୍ତରରେ ଆଦି କର୍ମଯୋଗୀଙ୍କୁ ଅଧିକ ସହଭାଗିତା ଦେବା ଭଳି ଗୁରୁତ୍ୱ ପୂର୍ଣ୍ଣ ଆଲୋଚନା କରାଯଇଛି । ଆଦିବାସୀ ସମ୍ପ୍ରଦାୟର ସାମାଜିକ ଆର୍ଥିକସ୍ଥିତିରେ ଉନ୍ନତି ଆଣିବା , ଶିକ୍ଷା , ଜୀବନ ଜୀବିକା , ବାସଗୃହ,ଗମନା ଗମନ, ସ୍ୱାସ୍ଥ୍ୟସେବା,ପାନୀୟ ଜଳ, ବିଦ୍ୟୁତ ସେବା, ଡିଜିଟାଲ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା , ସର୍ବୋପରି ଆଦିବାସୀଙ୍କ ମୂଳ ପରିଚୟକୁ ସଂରକ୍ଷଣ କରିବା ସହ ସ୍ଥାନୀୟ ନେତୃତ୍ୱକୁ ସଶକ୍ତ କରିବା ପାଇଁ ଏହି ଅଭିଯାନ ମାଧ୍ୟମରେ ନିରନ୍ତର ପ୍ରୟାସ ଚାଲିଥିବା କହିଛନ୍ତି ଜିଲ୍ଲାପାଳ ହେମକାନ୍ତ ସୟ । ଏଥିରେ ପଞ୍ଚାୟତି ଅନୁଷ୍ଠାନ , ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ , ଯୁବଗୋଷ୍ଠୀ , ଆଗଧାଡିର କର୍ମଚାରୀମାନେ ସକ୍ରିୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଆଗକୁ ଜିଲ୍ଲାସ୍ତରେ ୧୩୬୩ ଗାଁର କାର୍ଯ୍ୟ ଯୋଜନାର ଏକତ୍ରୀକରଣ , ଗ୍ରାମସଭାର ପ୍ରାଥମିକତା ସହ ବିଭାଗୀୟ ସମନ୍ୱୟ ପାଇଁ ଗ୍ରାମ ତଦାରଖ କମିଟି ଗଠନ କରାଯିବ । ବ୍ଲକ ଓ ଜିଲ୍ଲା ସ୍ତରରେ ଏହି ଅଭିଯାନର ଅଗ୍ରଗତି ତଥା ଉପଲବ୍ଧି ଉପରେ ନିୟମିତ ସମୀକ୍ଷା କରାଯିବ। ପ୍ରକାଶ ଥାଉକି ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶିକା ଡ଼. ବର୍ଣ୍ଣଲୀ ଡେକା ଗତ ସେପ୍ଟେମ୍ବର ୧୭ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଶୁକ୍ଳି ବ୍ଲକର ପାଣ୍ଡାବିଲା, ବାରିପଦା ବ୍ଲକର କେ ସି ପୁର ଗ୍ରାମ ପଂଚାୟତ ପରିଦର୍ଶନ କରି ଗ୍ରାମବାସୀଙ୍କ ସହିତ ଭାବବିନିମୟ କ୍ରମରେ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ ଏବଂ ଏହି ଅଭିଯାନ ଅନ୍ତର୍ଗତ ଆଦି ସହଯୋଗୀ ଓ ଆଦି ସାଥି ମାନଙ୍କ ପାଇଁ ବେତନଟୀ ଠାରେ ଆୟୋଜିତ ଅଭିମୁଖୀକରଣ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରି ପ୍ରଶକ୍ଷାର୍ଥୀ ମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଉକ୍ତ ମନ୍ତ୍ରାଳୟର ସେକ୍ସନ ଅଫିସର, ସୁଭାଷ କୁମାର ଅକ୍ଟୋବର ୨ ତାରିଖ ରେ ଜିଲ୍ଲା ଗସ୍ତରେ ଆସି କୁସୁମୀ ବ୍ଲକର ତଳକପୋଖରୀ ଓ ଜର୍ଦା ଗ୍ରାମ ପଂଚାୟତ ରେ ଆୟୋଜିତ ଗ୍ରାମସଭାରେ ଯୋଗ ଦେଇ ଗ୍ରାମବାସୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ବୈଶିଙ୍ଗାଠାରେ ଶୀତଳ ଭଣ୍ଡାରର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉ

ବୈଶିଙ୍ଗା, ୦୪/୧୦ (ନି.ପ୍ର): ବିକାଶ ବିକାଶ ବିକାଶ ଚାରିଆଡେ ଚାଲିଛି ବିକାଶର ନାରା । ପୂର୍ବ ସରକାର ଯେମିତି ଚାଷୀଙ୍କୁ ଭଣ୍ଡେଇ ଚାଲିଥିଲେ , ନୂଆ ବିଜେପି ସରକାର ମଧ୍ୟ ସେଇ ଧାରାରେ ଚାଲିଥିବାର ଅଭିଯୋଗ ହେଉଛି। ମାତ୍ର ଚାଷୀ, ଚାଷ ଓ କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରୀ କରିବା ପାଇଁ ବଜାର ସୃଷ୍ଟି କରିବା ଏବଂ କୃଷି ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳ ଭଣ୍ଡାର ସରକାର ନିର୍ମାଣ ନ କରାଇବା ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କାଳିଆ, ବଳିଆ ଯୋଜନା ସହିତ ଟଙ୍କିକିଆ ଚାଉଳ ପାଇଁ କୃଷି ଶ୍ରମିକ ମାନେ କ୍ଷେତରେ ଶ୍ରମ କରିବା ପରିବର୍ତ୍ତେ ବୁଲି ବୁଲି ସମୟକୁ ବିତାଇ ଦେଉଛନ୍ତି। ଏଥିପାଇଁ କୃଷି ଉତ୍ପାଦନ କମୁଛି , ମାତ୍ର ଜନସଂଖ୍ୟା ବଢି ବଢି ଚାଲୁଛି। ଋତୁ ଉପଯୋଗୀ ହେଉଥିବା ପନିପରିବା ଚାଷରୁ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି। ଦରଦାମ ବୃଦ୍ଧିକୁ ନେଇ ଉପୁଜିଥିବା ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ । ମୁଖ୍ୟତଃ ଆଳୁ, ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି ଆଦି ପରିବା ଅଧିକ ଦାମ ରେ ବିକ୍ରି ହେଉଛି । ବୈଶିଙ୍ଗା ଠାରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଥିଲେ ବୁଢାବଳଙ୍ଗ, ଗଙ୍ଗାହାର ଅବବାହିକାରୁ ଉତ୍ପାଦିତ ହେଉଥିବା ପନିପରିବା ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଯୋଗାଇବା ପରେ ମଧ୍ୟ ବଳକା ପନି ପରିବା ସାଇତା ଯାଇ ପାରନ୍ତା । ମାତ୍ର ଶୀତଳ ଭଣ୍ଡାର ଅଭାବରୁ ବଳକା ପନିପରିବା ପଚି ସଢି ନଷ୍ଟ ହୋଇଯାଉଛି। ଏଥି ପାଇଁ ଚାଷୀ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। ଯାହା ଫଳରେ ଚାଷୀ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ବିଭିନ୍ନ ଯୋଜନାରେ ପୂର୍ବ ସରକାର କୋଟି କୋଟି ଟଙ୍କାର ଅଯଥା ଖର୍ଚ୍ଚ କରିଥିବା ବେଳେ ଚାଷୀ ଙ୍କ ସୁବିଧା କୁ ଭୁଲି ଯାଇଥିଲେ ।ନୂଆ ସରକାର ଯେପରି ଋଇଛ ଧାନ ଟ୩୧୦୦ଙ୍କାରେ କିଣିବେ ବୋଲି ଘୋଷଣା କରିବା ଏବଂ ଖରିଫ୍ ଓ ରବି ଧନକୁ କିଣିଥିବା ଯୋଗୁଁ ଧାନ ଚାଷ ପ୍ରତି ଆଗ୍ରହ ବଢିଯାଇଛି। ଏହାର ପ୍ରମାଣ ଚଳିତ ବର୍ଷ ରବି ଧାନ ଚାଷ ଆକଳନ ରୁ ଜଣାଯାଇଛି । ସେହିଭଳି ପନିପରିବା ର ବଜାର ସୃଷ୍ଟି ପାଇଁ ଶୀତଳ ଭଣ୍ଡାର କରାଯାଇ ପାରିଲେ ଚାଷୀ ଙ୍କ ମାନଦଣ୍ଡ ମଜବୁତ ହୋଇପାରିବ । ବିଧାୟକ ମହୋଦୟ କେବଳ ବିଜୁଳି ଆଲୁଅ ପଛରେ ନ ଗୋଡାଇ ଏହି ଶୀତଳ ଭଣ୍ଡାର ପ୍ରତି ଧ୍ୟାନ ଦେଲେ ଚାଷୀ ଉପକୃତ ହୋଇ ପାରନ୍ତେ । ଆଶା କରାଯାଏ ନୂଆ ସରକାର ଚାଷୀଙ୍କ ହିତରେ କାମ କରିବେ ।

## ମଠସାହି ରାଜଘାଟ ସାର୍ବଜନୀନ ବୈଷ୍ଣବୀ ବନଦୁର୍ଗା ପୂଜା ଓ ଭସାଣ ଶାନ୍ତି ଶୃଙ୍ଖଳାରେ ସମାପନ

ଭଦ୍ରକ, ୦୪/୧୦ (ନି.ପ୍ର): ଭଦ୍ରକ ସହର ମଠସାହି ରାଜଘାଟଠାରେ ସାର୍ବଜନୀନ ମା' ବୈଷ୍ଣବୀ ବନଦୁର୍ଗା ପୂଜା ଉତ୍ସବ ୬ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ଦୀର୍ଘ ୨୫ ବର୍ଷ ଧରି ପୂଜା କମିଟି ପକ୍ଷରୁ ପାଳିତ ହୋଇ ଆସୁଥିବା ବେଳେ ଜିଲ୍ଲା ପ୍ରଶାସନ ପୁଲିସ ପକ୍ଷରୁ ଏଠାରେ ସହଯୋଗ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଦେବୀ ବୈଷ୍ଣବୀ ବନଦୁର୍ଗା ପୂଜା ଷଷ୍ଠୀଠାରୁ ନୀତିକାନ୍ତି ସହ ପୂଜା ଅନୁଷ୍ଠିତ ହେବା ସହିତ ପ୍ରଥମ ଦିବସରେ ବେଲ ବରଣ ହୋଇ କଳସ ସ୍ଥାପନ, ହୋମ, ଚଣ୍ଡିପାଠ, ମା'ଙ୍କ ଜଣାଣ, ଆଳତୀ, ଭୋଗ ନୈବେଦ୍ୟ, ପୂର୍ଣ୍ଣାହୁତି, ବନ୍ଦାପନା ହୋଇଥିଲା। ମୁଖ୍ୟ ପୂଜକ ପଣ୍ଡିତ ପ୍ରଭାତ ତ୍ରିପାଠୀ, ପଣ୍ଡିତ ମଦନ ମୋହନ ଆଚାର୍ଯ୍ୟ, ପଣ୍ଡିତ ମଣ୍ଟୁ ମହାପାତ୍ର ପୂଜାପାଠ କରିଥିଲେ। ପୂଜା କମିଟିର ସଭାପତି ସମ୍ବାଦଦାତା ଅଶୋକ କୁମାର ନାୟକ, ଉପସଭାପତି ଅଶେଷ କୁମାର ନାୟକ, ସମ୍ପାଦକ ଉମାକାନ୍ତ ଅରଖ, କର୍ତ୍ତା ଅନ୍ନପୂର୍ଣ୍ଣା ଦେବୀ, ଆଲୋକ ବେହେରା, ଦୁର୍ଯ୍ୟୋଧନ ପତି, ସନ୍ଦିପ୍ ଦାସ, ବିଶ୍ୱଜିତ ନାୟକ, ଗୀତାରାଣୀ ଦାସ, ତୃପ୍ତିରେଖା ସାହା ପ୍ରମୁଖଙ୍କ ସମେତ ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ। ପୂଜା ଉତ୍ସବରେ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ପୌର ଉପାଧ୍ୟକ୍ଷା ଅଂଜୁବାଳା ଜେନା, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ପୂର୍ବତନ କାଉନସିଲର ପ୍ରବୀର ଜେନା, ଘାଉଲି ଜେନାଙ୍କ ସମେତ ଗ୍ରାମବାସୀ, ଜନସାଧାରଣ, ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରିଥିଲେ। ଏଥିରେ ଶ୍ରଦ୍ଧାଳୁ ମହିଳାମାନେ ସିନ୍ଦୂର ମା'ଙ୍କୁ ଲାଗି କରିବା ସହିତ ନିଜେନିଜେ ମଧ୍ୟ ପିନ୍ଧି ମା'ଙ୍କ ଆଶିଷ କାମନା କରିଥିଲେ। ପରେ ଏହି ଭଷାଣ ଯାତ୍ରା ମଠସାହି ରାଜଘାଟ ଛକରୁ ବାହାରି ନଗର ପରିକ୍ରମା କରି ସାଳନ୍ଦୀ ନଦୀ ରାଜଘାଟଠାରେ ବିସର୍ଜନ ହୋଇଥିଲା।

## ପୋଖରୀରେ ବୁଡି ନାବାଳକ ମୃତ

ମାଲକାନଗିରି, ୦୪/୧୦ (ନି.ପ୍ର): ପୋଖରୀରେ ବୁଡି ନାବାଳକ ମୃତ। ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଭେଙ୍କଟପଲମ ପଂଚାୟତ ଅନ୍ତର୍ଗତ ଏମ୍‌ଭି ୭୪ ଗାଁରେ ଘଟିଛି ଅଘଟଣ। ସୂଚନା ଅନୁସାରେ ଶିଶୁ ଟି ନିଜ ଘର ନିକଟସ୍ଥ ଏକ ପୋଖରୀ ପାର୍ଶ୍ୱରେ ଖେଳୁଥିବା ସମୟରେ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ନାବାଳକ ଗାଁର ବାବୁଲୁ ଡ଼ାଙ୍ଗୀଙ୍କ ପୁଅ ଆୟୁଷ ଡ଼ାଙ୍ଗୀ(ଦେଢ଼ ବର୍ଷ) ବୋଲି ଜଣାପଡିଛି।

**AFFIDAVIT**

By virtue of an affidavit sworn before Executive Magistrate, Balasore, Dt.22.09.25 I Satyendra Nath Samal, Address : At-Odia Sasan, P.O. Routpada, P.S. Rupsa, Dist. Balasore, Pin-756028 (Odisha) declare that I have changed my name from Satendra Nath Samal to Satyendra Nath Samal. Henceforth, I shall b known as Satyendra Nath Samal for all purpose.

*Sd/-*
*Satyendra Nath Samal*

## ବାଲେଶ୍ୱର ଜିଲ୍ଲାର ରାବଣ ପୋଡ଼ି ଉତ୍ସବ ମହା ସମାରୋହରେ ପାଳିତ




ବାଲେଶ୍ୱର, ୦୪/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଆଇଟିଆଇ ପଡ଼ିଆରେ ୨୬ ତମ ରାବଣ ପୋଡ଼ି ଉତ୍ସବ ସଭାପତି ଲକ୍ଷ୍ମୀଧର ମହାନ୍ତି ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେମୁଣା ବିଧାୟକ, ସରକାରୀ ଦଳର ଉପସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ଖଇରା ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌରାଧ୍ୟକ୍ଷ ସବିତା ସାହୁ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବାଞ୍ଚଳ ଡି ଆଇ ଜି ପିନାକୀ ମିଶ୍ର, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ବରିଷ୍ଠ ଆଇନ ଜୀବୀ ହରେକୃଷ୍ଣ ଦାସ ସମ୍ପାଦକ ରାମ ନାରାୟଣ ଶତପଥୀ କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା, କମିଟିର ସାଧାରଣ ସଂପାଦକ କିଶୋର ଦାସ, ଉପସଭାପତି ରାଜେଶ୍ ସାହୁ, ସମ୍ପାଦକ ସତ୍ୟଶିବ ସୁନ୍ଦର ଦାସ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ସରକାରୀ ଦଳର ଉପ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ। ବାଲେଶ୍ୱର ପରମ୍ପରା ବଜାୟ ରଖିବା ଏହି ଉତ୍ସବ ରେ ଲକ୍ଷ୍ୟ କହିଥିଲେ ଅସତ୍ୟ ଉପରେ ସତ୍ୟର ବିଜୟକୁ ନେଇ ଏହି ଉତ୍ସବ ଅନୁଷ୍ଠିତ। ଏହା ସମସ୍ତଙ୍କ ଶିକ୍ଷଣୀୟ, ଏହିପରି ସମ୍ମାନୀୟ ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଏହା ସମସ୍ତ ଜନସାଧାରଣ ଆନନ୍ଦ ଉପଭୋଗ କରିବା ସଙ୍ଗେ ସଙ୍ଗେ ଅସତ୍ୟ ଉପରେ ସତ୍ୟର ଜୟ ଯୁଗେ ଯୁଗେ ରହି ଆସିଛି ବୋଲି କହିଥିଲେ। ସମାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିକୁ ସମ୍ବର୍ଦ୍ଧନା ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା । ଶେଷରେ କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ । ସର୍ବଶେଷରେ ଅତିଥି ମାନେ ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ । କିଛି ସମୟ ଧରି ଆତସ ବାଜି କାର୍ଯ୍ୟ କ୍ରମ ହୋଇଥିଲା । ଏହି ଉତ୍ସବକୁ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ରଞ୍ଜିତା ମହାପାତ୍ର, ଦିବ୍ୟ ଜ୍ୟୋତି ମହାନ୍ତି, ରାଧାକୃଷ୍ଣ ଦାସ, ଦିବାକର ମହାନ୍ତି, ଅର୍ଦ୍ଧେନ୍ଦୁ ଦାସ, ସନ୍ଧ୍ୟା ରାଣୀ ଭୂୟାଁ ଜୟନ୍ତ ଦତ୍ତ, ପ୍ରୀତିଲତା ସେଠୀ ମିନତୀ ସେଠୀ, ଛବି ରାଣୀ ମନ୍ତ୍ରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ନୀଳମଣି ରାଉତରାୟଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ



ବାସୁଦେବପୁର, ୦୪/୧୦ (ନି.ପ୍ର): ବାସୁଦେବପୁର ସହରରେ ନୀଳମଣି ମାର୍କେଟ କମ୍ପ୍ଲେକ୍ସ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ରାଉତରାୟଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ବିଜୁ ଜନତା ଦଳର ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ବରିଷ୍ଠ ନେତା ଓ କର୍ମୀ ପ୍ରଫୁଲ୍ଲ ପଳିତା, ମାନସ ସାହୁ, ବିଜୟ ନାୟକ, ଗୌତମ ସେଠି, ରାଜେନ୍ଦ୍ର ସାହୁ, ଶ୍ୟାମ ସୁନ୍ଦର ମହାନ୍ତି, ଚିନ୍ମୟ ବାରିକ୍, ଶାରଦା ମହାନ୍ତି, ମାନସ ରଞ୍ଜନ ପଟ୍ଟନାୟକ,ମହେଶ ଚନ୍ଦ୍ର ନାୟକ, ଉମେଶ ଚନ୍ଦ୍ର ନାୟକ, ରାଜ କିଶୋର ବାରିକ୍, ଗୌତମ ବେହେରା, ଚନ୍ଦନ ମଲ୍ଲିକ, ଆଇନଜୀବି ସୁନନ୍ଦ ମଲ୍ଲିକ, ଖଗେନ୍ଦ୍ର ପ୍ରସାଦ ଦାସ, ବିକ୍ରମ ମହାନ୍ତି, ଶଶଧର ନାୟକ, କୁନା ତ୍ରିପାଠୀ, ଜୟରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ ଓ ନୀଳମଣି ରାଉତରାୟଙ୍କ ସ୍ୱାଧିନତା ସଂଗ୍ରାମ ଏବଂ ତାଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଅବସରରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରା ଯାଇଥିଲା। ବାସୁଦେବପୁର ସହରରେ ଥିବା ନୀଳମଣି ରାଉତରାୟଙ୍କ ପ୍ରତିମୂର୍ତ୍ତି ରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶେଷରେ ବିଜୁ ଜନତା ଦଳର ଛାତ୍ର ସଭାପତି କାଳନ୍ଦୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଧ୍ୱନି ପ୍ରତିଧ୍ୱନି



# ପଞ୍ଚୁପାଲିରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ: ୫୪ ୟୁନିଟ ରକ୍ତ ସଂଗ୍ରହ

ବାଲିଆପାଳ, ୦୪/୧୦ (ନି.ପ୍ର): ବୁନ୍ଦାଏ ରକ୍ତ ପାଇଁ ବେଳେ ବେଳେ କାହାର ବି ଜୀବନ ଚାଲିଯାଉଛି ।ସେଇଥି ପାଇଁ ରକ୍ତ ଦାନ ମହାପୁଣ୍ୟକୁ ଆଖି ଆଗରେ ରଖି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ସ୍ଥିତ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ସମ୍ମୁଖରେ ଶନିବାର ପୂର୍ବାହ୍ନ ସାଢ଼େ ଦଶଟା ସମୟ ରେ ପଞ୍ଚୁପାଲି ପ୍ରଧାମନ୍ତ୍ରୀ ଜନ ଔଷଧି କେନ୍ଦ୍ର ସହିତ ଦୈନିକ ଖବର କାଗଜ ପ୍ରଗତିବାଦୀର ବାଲିଆପାଳ ବ୍ଲକ ପ୍ରତିନିଧି ଓ ଏମ୍ବ କମ୍ପ୍ୟୁଟର ବାଲିଆପାଳର ମିଳିତ ସହଯୋଗ ରେ ଏକ ବିଶାଳ ରକ୍ତ ଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପଞ୍ଚୁପାଲି ସରକାରୀ ଆୟୁର୍ବେଦିକ ଦାତବ୍ୟ ଚିକିତ୍ସାଳୟ ର ଡାକ୍ତର ପୂଜା ହୁଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥଲେ । ପ୍ରଗତିବାଦୀର ବାଲିଆପାଳ ପ୍ରତିନିଧି ପ୍ରକାଶ ଚନ୍ଦ୍ର ପ୍ରଧାନ,ଜନ ଔଷଧି କେନ୍ଦ୍ର ର ମାନସ କୁମାର ଦାସ ଓ ଏମ୍ବ କମ୍ପ୍ୟୁଟର ନିର୍ଦ୍ଦେଶକ ସାଗର କୁମାର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ଏହି ରକ୍ତ ଦାନ ଶିବିର ହୋଇଥିଲା । ଶିବିର ରେ ମୋଟ ୫୪ ୟୁନିଟର ରକ୍ତ ସଂଗ୍ରହ କରାଯାଇଥିଲା। ବାଲେଶ୍ୱର ରକ୍ତ ଭଣ୍ଡାର ର ଡ଼କ୍ଟର ବସନ୍ତ କୁମାର ଉପାଧ୍ୟାୟ, ଟେକନିସିଆନ ମନୋଜ କୁମାର ଗନ୍ତାୟତ, ପ୍ରକାଶ ମହାନା, ବିଦ୍ୟାଧର ସାହୁ ରକ୍ତ ଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ସଚିନ୍ଦ୍ର ନାଥ ଦାସ , କାଞ୍ଚନବାଳା ଦାସ, ତପନ କୁମାର ଗିରି, ତାପସ କୁମାର ଦାସ, ଅଭୟ ମହାନ୍ତି, ଯଶୋବନ୍ତ ପ୍ରଧାନ, ଗଣେଶ ଗିରି, ରବିନ ନାୟକ ,ସୁଦର୍ଶନ ପରିଡ଼ା, ରବିନ୍ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଆର.ଏସ.ଏସ. ବସ୍ତାଖଣ୍ଡର ପଥ ସଂଚଳନ

ରାସଗୋବିନ୍ଦପୁର , ୦୪/୧୦ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସଂଘର ବସ୍ତାଖଣ୍ଡ ତରଫରୁ ଏକ ପଥ ସଂଚଳନ ଗତ ଅକ୍ଟୋବର ୧ ତାରିଖରେ ବସ୍ତା ଶମ୍ଭୁନାଥ ହାଇସ୍କୁଲ ଖେଳପଡ଼ିଆରୁ ବାହାରି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବାଳିକା ଉଚ୍ଚ ବିଦ୍ୟାଳୟ, କଲ୍ୟାଣେଶ୍ୱରୀ ମନ୍ଦିର, ସଦାନନ୍ଦପୁର ଗ୍ରାମ ପଞ୍ଚାୟତ, ଷ୍ଟେଟବ୍ୟାଙ୍କ, ତାରିଣୀ ଛକ, ବସ୍ତା ପରିବା ମାର୍କେଟ ଦେଇ ଗୌଡିୟ ମଠ ବସ୍ତାରେ ସମାପନ ହୋଇଥିଲା। ଏଥିରେ ବିଭାଗ ପ୍ରଚାରକ ବିଷ୍ଣୁଚରଣ ନାୟକ, ଜିଲ୍ଲା ପ୍ରଚାରକ ଉମାକାନ୍ତ ରାଉତ, ଜିଲ୍ଲା ସହ ବୌଦ୍ଧିକ ପ୍ରମୁଖ ନିରଂଜନ ବେହେରା, ବସ୍ତା ଖଣ୍ଡ ବୌଦ୍ଧିକ ପ୍ରମୁଖ ସଂଜୟକୁମାର ପାଣି ଉପସ୍ଥିତ ଥିଲେ।

# ଭଦ୍ରକର ଭୂମିପୁତ୍ର 'ଆଜୀବନ ସଂଗ୍ରାମୀ ନିରାକାର ସ୍ମୃତି ସଂସଦ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭଦ୍ରକ , ୦୪/୧୦ (ନି.ପ୍ର): ବାଇପାସ୍ ସନ୍ନିକଟ ଭାବଗ୍ରାହୀ ପାଠାଗାର ପରିସରରେ ଆଡଭୋକେଟ୍ ଗିରିଧାରୀ ନାଥଙ୍କ ଆହ୍ୱାନ କ୍ରମେ ଭଦ୍ରକର ଭୂମିପୁତ୍ର 'ଆଜୀବନ ସଗ୍ରାମୀ ନିରାକାର'ସ୍ମୃତି ସଂସଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ଜିଲ୍ଲା ନୁହେଁ ସାରା ଓଡିଶାରେ ନିରାକାର ଜେନା ଜଣେ ବରପୁତ୍ର ଥିଲେ।ଗରୀବ ଖଟିଖିଆ ମେହନତି ମଣିଷର ଜୀବନ ଜୀବିକା ପାଇଁ ସାରା ଜୀବନ ଲଢେଇ କରିଥିଲେ।ଜୀବନର ଶେଷ ପର୍ଯ୍ୟନ୍ତ ଅନ୍ୟାୟ ଅତ୍ୟାଚାର ଶୋଷଣ ବିରୁଦ୍ଧରେ ଜୀବନକୁ ବାଜି ଲଗାଇ ସଗ୍ରାମ କରିଥିବା ଏହି ବ୍ୟକ୍ତିଙ୍କର ଏକ ପ୍ରତିମୂର୍ତ୍ତି ଭଦ୍ରକ ସହରରେ ସ୍ଥାପିତ କରିବା ପାଇଁ ବୈଠକରେ ଉପସ୍ଥିତ ଥିବା ବରିଷ୍ଠ ସଦସ୍ୟ ମାନେ ମତପ୍ରକାଶ କରିଥିଲେ। ସମ୍ବଦର ଉପସଭାପତି ବିଶିଷ୍ଟ ଆଇନଜୀବୀ ଦିବ୍ୟସିଂହ ନାୟକ, ବରିଷ୍ଠ ଆଇନଜୀବି ତଥା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ପବନ ଶର୍ମା, ଭଦ୍ରକ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନାରୀନେତ୍ରୀ ଗୁଲମକୀ ଦଲଓ୍ୱଜୀ ହବିବ୍, ସମାଜ ସେବୀ ଏସ୍ ଏମ୍ ଫାରୁକ୍ ବରିଷ୍ଠ ପ୍ରାଧ୍ୟାପକ ତଥା ବିଶିଷ୍ଟ ସାହିତ୍ୟିକ ଡଃ ବ୍ରଜ ମୋହନ ମିଶ୍ରଙ୍କ ମତାମତ ଉପରେ ସବିଶେଷ ଆଲୋଚନା ହୋଇଥିଲା। ସମ୍ବଦର ସମ୍ପାଦକ ଆଡଭୋକେଟ୍ ଗିରିଧାରୀ ନାଥ ଏ ସମ୍ପର୍କରେ ଓଡିଶା ସରକାର ତଥା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଉପସ୍ଥିତ ବରିଷ୍ଠ ସଦସ୍ୟ ତଥା ଅନ୍ୟତମ ଉପସଭାପତି ପ୍ରଫେସର ଅଟଳ ବିହାରି ନାୟକ, ବରିଷ୍ଠ ସମାଜସେବୀ ସୁଧାକର ରାଉତ,ଆଇନଜୀବୀ ଅଗଣୀ ଚରଣ ଜେନା, ଭଦ୍ରକ ଓକିଲ ସଂଘର ସଭାପତି ସନ୍ତୋଷ ଆଚାର୍ଯ୍ୟ, ଶିକ୍ଷାବିତ୍ ଗୟାଧର ପଣ୍ଡା ମାନେ ଏହାକୁ ସମର୍ଥନ ଜଣାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫେସର କମଳାକାନ୍ତ ସ୍ୱାଇଁ, ଆଇନଜୀବୀ ବିଜୟ ରାଉତ, ବିଜନ କୁମାର ଜେନା, କଙ୍ଗ୍ରେସ ନେତ୍ରୀ ତଥା ଆଇନଜୀବୀ ଅମିତା ଆଚାର୍ଯ୍ୟ , ସୁଧାକର ରାଉତ, ବିଶିଷ୍ଟ ସମାଜବାଦୀ ଅମର କୁମାର ପାଣିଗ୍ରାହୀ ମାନେ ନିରାକାର ଜେନାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସପକ୍ଷରେ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ।ସ୍ଥାନ ନିରୂପଣ ସମ୍ପର୍କରେ ପ୍ରାକ୍ତନ ମନ୍ତ୍ରୀ ଶ୍ରୀଯୁକ୍ତ ସାମଲ ଓ ଉପସଭାପତି ଦିବ୍ୟସିଂହ ନାୟକଙ୍କ ସୂଚନା କ୍ରମେ କେତେକ ବରିଷ୍ଠ ସଦସ୍ୟଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।




# ମହାତ୍ମାଗାନ୍ଧୀ ବିଚାର ମଂଚ ପକ୍ଷରୁ ଜୟନ୍ତୀ ପାଳିତ

ଭଦ୍ରକ, ୦୪/୧୦ (ନି.ପ୍ର): ମହାମାନବ ମହାତ୍ମାଗାନ୍ଧି ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲାବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ମହାତ୍ମା ଗାନ୍ଧୀ ବିଚାରମଂଚ ତରଫରୁ ପାଳିତ ହୋଇଯାଇଛି । ସକାଳ ୮.୩୦ମି ସମୟରେ ଗାନ୍ଧି ପଡ଼ିଆସ୍ଥ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଦିବା ୧୦.୩୦ମି ସମୟରେ ଶହୀଦ ସ୍ମୃତି ଭବନରେ ଗାନ୍ଧୀ ବିଚାର ମଂଚର ସଭାପତି ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ସ୍ମୃତି ସମାରୋହ ପାଳିତ ହୋଇଥିଲା । ସଂଗଠନ ସମ୍ପାଦକ ବାବୁଲାଲ ଦାସ ମଂଚ ଆମନ୍ତ୍ରଣ କରିଥିଲେ । ଗାନ୍ଧି ବାଳାଶ୍ରମର ଅନ୍ତେବାସୀମାନେ ଗାନ୍ଧିଭଜନ କରିବେଷଣ କରିଥିଲେ । ମୁଖ୍ୟ ଅତିଥିଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡଃ ନିରଞ୍ଜନ ବାରିକ୍ ଓ ମୁଖ୍ୟବକ୍ତା ଭାବେ ପାଳିଆବିନ୍ଧା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡଃ. ବିଶ୍ୱରଂଜନ ଦାସ ଯୋଗ ଦେଇଥିଲେ । ସାହିତ୍ୟ ମନସ୍କ ଓ ଦକ୍ଷ ରାଜନେତା ବିଷ୍ଣୁ ସେଠୀ ସ୍ମୃତି ସମ୍ମାନ ପ୍ରାଧାପିକା ଝରଣା ପଟ୍ଟନାୟକଙ୍କୁ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଆଦର୍ଶ ଅଧ୍ୟକ୍ଷ ଡଃ ପ୍ରସନ୍ନ କୁମାର ବିଶ୍ୱାଳ ସ୍ମୃତି ସମ୍ମାନ ବିଶିଷ୍ଟ ଗାଳ୍ପିକ ଓ ଭଦ୍ରକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ର: ଶୈଳେନ୍ଦ୍ର କୁମାର ମହାପାତ୍ର ଓ ଆଧାତ୍ମିକ କବିୟତ୍ରୀ କନକଲତା ରାଉତଙ୍କୁ ପ୍ରଦାନ କରାଯାଇଥିଲା । ଡଃ ଭାଗବତ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ଡା ଅନିଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଅନୁଷ୍ଠାନର ସଂପାଦକ ସୁଧାକର ରାଉତ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ତପସ୍ୱିନୀ ଦାସ, ମୁକ୍ତିକାନ୍ତ ମହାପାତ୍ର ଓ ଭାସ୍କର ଚନ୍ଦ୍ର ନାୟକ ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ। ଭଦ୍ରକ ପୌରପାଳିକାର କର୍ତ୍ତବ୍ୟନିଷ୍ଠ ସଫେଇ କର୍ମଚାରୀ ବିକାଶ ଘଡ଼େଇ ଓ ତୁଳସୀ ଦେଇଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆଦିତ୍ୟ ନାୟକ, ଶ୍ରୀମତୀ ଉର୍ମିଳା ପାଣିଗ୍ରାହୀ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ହରମୋହନ କୁଅଁର, ବୈଲୋଚନ ବେହୁରିଆ, ବିଚିତ୍ର ମହାନ୍ତି, ଡ଼. ଉତ୍ପଳା ନାୟକ, ପରମାନନ୍ଦ ସାହୁ, ଗୌରାଙ୍ଗ ବାରିକ, ରତିକାନ୍ତ ମହାନ୍ତି, ବିବେକ ମୁଖାର୍ଜୀ, ବସୁମିତ୍ରା ସାହୁ, ଶଶିକାନ୍ତ ପାଢ଼ୀ, ପ୍ରତାପ ଦଳେଇ, ଇନ୍ଦ୍ରମଣି ପଣ୍ଡା, ନିରୋଜ ରଥ, ଅଶୋକ ଦାସ, ଡଃ ରାଧାରାଣୀ ମହାପାତ୍ର, ପ୍ରଭାତ ନଳିନୀ ମହାପାତ୍ର, ରବିନାରାୟଣ ଦାସ, ପଦ୍ମନ କୁମାର ରାୟ, କୈଳାସ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ପଦ୍ମନାଭ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




## ବୁଡ଼ି ଯାଉଥିବା ତଳିଆ ରୋଡ଼ ଗୁଡ଼ିକୁ ଠାବ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୦୪/୧୦ (ନି.ପ୍ର): ବର୍ଷା ଯୋଗୁଁ ବୁଡି ଯାଉଥିବା ତଳିଆ ରୋଡ଼ ଗୁଡ଼ିକୁ ଠାବ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେମିତି ବର୍ଷା ଯୋଗୁଁ ରାସ୍ତା ବୁଡି ଯୋଗାଯୋଗ ବିଚ୍ଛିନ୍ନ ହେବ ନାହିଁ। ମାଲକାନଗିରି ଅଞ୍ଚଳରେ ଅଧିକ ତଳିଆ ରୋଡ଼ ଥିବାରୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଥିପାଇଁ ତଳିଆ ରୋଡ଼ ଗୁଡ଼ିକୁ ଉଚ୍ଚ କରାଯିବ ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

# ଅନଲାଇନ ଠକେଇର ଶିକାର ରବିନ୍ଦ୍ର: ମେସିନ ପହଞ୍ଚାଇବାକୁ କହି ଟ୍ରନ୍ସପୋର୍ଟ ଏଜେଣ୍ଟ ଠକିନେଲେ ୪୦ ହଜାର

ଖଇରା, ୦୪/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଇଁତିରା ଗ୍ରାମର ରବିନ୍ଦ୍ର ସ୍ୱାଇଁ ଓ କଲିହା ଗ୍ରାମର କୀର୍ତ୍ତନ ଦାସ ଅନଲାଇନ ଠକେଇର ଶିକାର ହୋଇଛନ୍ତି । ଏକ ଟ୍ରାନ୍ସପୋର୍ଟ କମ୍ପାନୀ ଧାନକଟା ମେସିନ ଖଇରା ରୁ ମାଲକାନାଗିରି ରେ ପହଞ୍ଚାଇବାକୁ କହି ୪୦ ହଜାର ଟଙ୍କା ଠକି ନେଇଛନ୍ତି । ଉକ୍ତ ଅର୍ଥ ଫେରିପାଇବା ପାଇଁ ରବିନ୍ଦ୍ର ଓ ତାଙ୍କର ସହଯୋଗୀ ଖଇରା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପାଠପଢି ଚାକିରି ନପାଇବା ପରେ ରବିନ୍ଦ୍ର ଓ ତାଙ୍କ ବନ୍ଧୁ କଲିହା ଗ୍ରାମର କିର୍ତ୍ତନ ଦାସ ଗୁଜୁରାଣ ମେଣ୍ଟାଇବାକୁ ୨ଟି ଧାନକଟା ମେସିନ କିଣିଥିଲେ । ଏବେ ମାଲକାନାଗିରି ଜିଲାରେ ଧାନକଟା ଆରମ୍ଭ ହୋଇ ଯାଇଥିବାରୁ ସେଠାକୁ ଧାନକଟା ମେସିନ ୨ଟିକୁ ନେଇ ଯିବା ଲକ୍ଷରେ ଏକ ଟ୍ରଲର ଟ୍ରନ୍ସପୋର୍ଟ କମ୍ପାନୀ ମାଧ୍ୟମରେ ବୁକ କରାଇଥିଲେ । ଅନଲାଇନରେ ଅଗ୍ରୀମ ୪୦ହଜାର ଟଙ୍କା ଦେବା ପରେ ଗାଡି ରଇଁତିରାରୁ ବାହାରିଥିଲା । ଭଦ୍ରକ ପହଞ୍ଚିବା ପରେ ଡ୍ରାଇଭର ତେଲ ପକାଇବାକୁ ଟଙ୍କା ମାଗିଥିଲା । ହେଲେ ଅନଲାଇନରେ ପେମେଣ୍ଟ ହୋଇଥିବାରୁ ସେମାନେ ଆଉ କାହିଁକି ପେମେଣ୍ଟ କରିବେ ବୋଲି ରବିନ୍ଦ୍ର କହିବା ପରେ ଟ୍ରକ ମାଲିକ ଗାଡି ନେବାକୁ ମନା କରିଥିଲେ । ସେପଟେ ଅନଲାଇନରେ ଅର୍ଥ ପାଇଥିବା ଏଜେଣ୍ଟ ମୋବାଇଲ ସୁଇଚ ଅଫ କରିଦେଇଥିଲେ । ବାଧ୍ୟ ହୋଇ ରବିନ୍ଦ୍ର ଓ କୀର୍ତ୍ତନ ଟ୍ରଲର ସହ ନିଜ ଧାନକଟା ମେସିନ ୨ଟିକୁ ଧରି ରଇଁତିରା ପଳାଇ ଆସି ଶୁକ୍ରବାର ରାତିରେ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଖଇରା ଥାନା ଏସଆଇ ତପନ ଜେନା ଶନିବାର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

## ୬ରେ ଓଡ଼ିଶା ଆସିବେ କେନ୍ଦ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ

ଭୁବନେଶ୍ୱର , ୦୪/୧୦ (ନି.ପ୍ର): ଆସନ୍ତା ଅକ୍ଟୋବର ୬ ତାରିଖରେ ଦିନିଆ ଓଡିଶା ଗସ୍ତରେ ଆସିବେ ରାଷ୍ଟ୍ରୀୟ ଲୋକଦଳର ନ୍ୟାସନାଲ ପ୍ରେସିଡେଂଟ ତଥା କେନ୍ଦ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ । ଶନିବାର ଦିନ ଓଡିଶା ରାଷ୍ଟ୍ରୀୟ ଲୋକଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦିଆଯାଇଛି। ଏହି ଦିନିଆ ଗସ୍ତରେ ଜୟନ୍ତ ଚୌଧୁରୀ ଭୁବନେଶ୍ୱରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଓଡିଶା ରାଷ୍ଟ୍ରୀୟ ଲୋକଦଳ ସଭାପତି ଜିତେନ୍ଦ୍ର କୁମାର ହାତୀ ସୂଚନା ଦେଇଛନ୍ତି।

# ଲବଣ ତୀର୍ଥ ଇଞ୍ଚୁଡ଼ିରେ ଶାରଦୀୟ ଦୁର୍ଗୋତ୍ସବର ସୁବର୍ଣ୍ଣଜୟନ୍ତୀ ପାଳନ ଓ 'ସୁବର୍ଣ୍ଣ ସ୍ମୃତିର ଜାଗ୍ରତ କଳିକା' ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର, ୦୪/୧୦ (ନି.ପ୍ର): ଚଳିତବର୍ଷ ଲବଣତୀର୍ଥ ଇଞ୍ଚୁଡ଼ୀ ଗ୍ରାମରେ ସାର୍ବଜନୀନ ଶାରଦୀୟ ଦୁର୍ଗୋତ୍ସବର ସୁବର୍ଣ୍ଣ ଜୟନ୍ତୀ ମହାଆଡ଼ମ୍ବରରେ ଗତ ସେପ୍ଟେମ୍ବର ୨୨ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଯଥା ଶାସ୍ତ୍ରବିଧି ଓ ରୀତିନୀତିରେ ମହିଷାମର୍ଦ୍ଦିନୀ ମା' ଦୁର୍ଗା ମେଢ଼ ସାଜସଜ୍ଜାରେ ନବମାତୃକା ପୂଜା ସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରା-ମେଳା ତଥା ସାରସ୍ୱତ ସମାବେଶ ମଧ୍ୟରେ ପାଳିତ ହୋଇଯାଇଛି। କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସଙ୍କ ପୌରୋହିତ୍ୟରେ ଗତ ୩୦ ତାରିଖ ସନ୍ଧ୍ୟାରେ ଉକ୍ତ ପୂଜାମଣ୍ଡପ ପରିସରରେ ଆୟୋଜିତ ହୋଇଥିବା ସାରସ୍ୱତ ସମାବେଶରେ ତାଙ୍କ ରଚିତ 'ସୁବର୍ଣ୍ଣ ସ୍ମୃତିର ଜାଗ୍ରତ କଳିକା' ପୁସ୍ତକଟିକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ଶ୍ରୀଦେବ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଯଦୁନାଥ କଲେଜ, ରସାଳପୁରର ପ୍ରଫେସର ପ୍ରଭାତ ପରିଡ଼ା, ଆର୍ଟ ଏଣ୍ଡ୍ କ୍ରାଫ୍ଟ କଲେଜ, ବାଲେଶ୍ୱରର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ତଥା ଇଞ୍ଚୁଡ଼ୀ ପୂଜା କମିଟିର ସଭାପତି ସୁଶାନ୍ତ ଦାସ ସମ୍ମାନିତ ଅତିଥି ଓ ସମ୍ପାଦକ ଦୀପକ ଯେନା ସମ୍ମାନିତ ବକ୍ତା ଏବଂ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ଅତିଥି ଭାବେ କବି ସିତାଂଶୁ ଲେଙ୍କା, ସୁସାହିତ୍ୟିକ ନାଟ୍ୟକାର ପୀତାମ୍ବର ଦାସ, ଆଇନଜୀବୀ ତଥା ସମାଜସେବୀ ଅଜୟ କୁମାର ପ୍ରଧାନ, ଆଇନଜୀବୀ ଅଜୟ କୁମାର ବାରିକ୍, କବି ରମେଶ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।




# ମେରା ଯୁବା ଭାରତ ଦ୍ୱାରା ଆନ୍ତର୍ଜାତିକ ବୟସ୍କ ଦିବସ ପାଳିତ




ବଡ଼ସାହି ୪/୧୦ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧିନ ବେତନଟୀ ବ୍ଲକ ଅନ୍ତର୍ଗତ ଲାଖବିନ୍ଧା ଗଡଦେଉଳିଆ ରେ ବୀରବିର୍ସା କ୍ଲବ ଓ ମେରା ଯୁବ ଭାରତ ( ମାଇଁ ଭାରତ ) ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡା ମିଳିତ ଆନୁକୂଲ୍ୟରେ ' ଆନ୍ତର୍ଜାତିକ ବୟସ୍କ ଦିବସ ପାଳିତ ' ହୋଇଯାଇଅଛି କ୍ଲବ ର ସମ୍ପାଦକ ଶଙ୍କର ଚପିଆର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଗଦାଧର ଜେନା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଧକ୍ଷତା କରିଥିଲେ ମୁଖ୍ୟ ଅତିଥି ଡ. ରମାକାନ୍ତ ମହାନ୍ତ ପରିବେଶ ବିତ ତଥା ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ , ମୁଖ୍ୟବକ୍ତା ସନ୍ତୋଷ କୁମାର ଖଣ୍ଡା , ସମ୍ପାଦକ ଫୋର୍ଡ , ଓ ସମ୍ମାନୀୟା ଅତିଥି ପାନମଣି ମୁର୍ମୁ ଯୋଗଦେଇଥିଲେ । କ୍ଲବ ର ଝିଅ ମାନଙ୍କ ଦ୍ୱାରା ସମସ୍ତ ବୟସ୍କ ବ୍ୟକ୍ତି ଓ ଅତିଥି ମାନଙ୍କୁ କଂସା ଥାଳିରେ ପାଦ ଦେଇଥିଲେ । ବୟସ୍କ ଲୋକମାନେ ସୁସ୍ଥ ନିରାମୟ ଜୀବନ ପାଇଁ ସାର୍ଥକ ଭୋଜନ ସହିତ ଚିନ୍ତାମୁକ୍ତ ରହିବା ଉଚିତ୍ । ଦୈନନ୍ଦିନ ସକାଳେ ସନ୍ଧ୍ୟାରେ ଚାଲିବା ଓ ହସିବା କାର୍ଯ୍ୟକ୍ରମ କରାଯିବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ । ବିଭିନ୍ନ ଗ୍ରାମର ବୟସ୍କ ପୁରୁଷ ଓ ମହିଳା ୮୦ ରୁ ଉର୍ଦ୍ଧ୍ୱ ଯୋଗଦେଇଥିଲେ । ବୀରବିର୍ସା କ୍ଲବ ର ସଭ୍ୟ ସଭ୍ୟା ମାନେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସର୍ବଶେଷ ରେ ସାଉନା ଟୁଡୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଅଲେଖ ମନୋରଞ୍ଜନ ଏକାଡେମୀର 'ମୁଁ ବି ଚିତ୍ରକର' କାର୍ଯ୍ୟକ୍ରମ

ବାସୁଦେବପୁର, ୦୪/୧୦ (ନି.ପ୍ର): ଅଲେଖ ମନୋରଞ୍ଜନ ଏକାଡେମୀ, ବାସୁଦେବପୁର ରେ ମୁଁ ବି ଚିତ୍ରକର ହେବୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ବାସୁଦେବପୁର ଆଇ ଆଇ ସି ଲୋପା ମୁଦ୍ରା ନାୟକ, ମୁଖ୍ୟ ବକ୍ତା ଭାବେ ଅମିୟ କୁମାର ମହାଲିକ ଏ ବି ଇ ଓ ବାସୁଦେବପୁର, ସମ୍ମାନିତ ଅତିଥି ସମାଜସେବୀ ଜୟ ପ୍ରକାଶ ମଲ୍ଲିକ, ଅଧ୍ୟାପକ ରାଜ କିଶୋର ରାୟ ଯୋଗ ଦେଇ ଥିଲେ। ଅନୁଷ୍ଠିତ ସଭା କାର୍ଯ୍ୟ କ୍ରମ ରେ ପରିଚାଳନା ଅଧ୍ୟାପକ ଦିବ୍ୟ ସୁନ୍ଦର ମହାକୁଡ, କରିଥିବା ବେଳେ ଅଲେଖ ମନୋରଞ୍ଜନ ଏକାଡେମୀ ର ଅଧ୍ୟକ୍ଷ ଅଲେଖ ପରିଡା ଉପସ୍ଥିତ ରହି ଥିଲେ। ପ୍ରତିଯୋଗୀମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସତୁରୀ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସମସ୍ତଙ୍କୁ ମାନ ପତ୍ର ସହ ଉପହାର ପ୍ରଦାନ କରାଯାଇଛି। ସତୁରୀ ଜଣଙ୍କ ମଧ୍ୟରୁ ପ୍ରଥମ ଛଅ ଜଣଙ୍କୁ ପରବର୍ତ୍ତୀ ସମୟରେ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦେଇଛନ୍ତି ଅଧ୍ୟକ୍ଷ ଆଲେଖ ପରିଡା। ସହୋଜଗ ପିତାମ୍ବର ସାମଲ, ସୂର୍ଯ୍ୟ କାନ୍ତ ରାଉତ, ଏଞ୍ଜେଲିନା ଦାସ, ବର୍ଷା ପ୍ରିୟଦର୍ଶିନୀ ନାୟକ, ସୋନାଲି ଜେନା, ସାଲିନା ନାୟକ କରିଥିବା ବେଳେ ବିଚାର ପତି ଅଧ୍ୟାପକ ସଞ୍ଜୟ କୁମାର ଜେନା, ଦିବ୍ୟ ସୁନ୍ଦର ମହାକୁଡ, ସୁରେଶ ନାୟକ ଉପସ୍ଥିତ ରହିଥିଲେ।



# ମୟୂରଭଂଜ ରାଜନୀତିର ରିମୋର୍ଟ ରହିଛି ଉଦଳାରେ

ଉଦଳା , ୦୪/୧୦ (ନି.ପ୍ର): ରାଜନୀତି ପାଇଁ ଉଦଳା ସମଗ୍ର ରାଜ୍ୟରେ ବିଭିନ୍ନ ସମୟରେ ଚର୍ଚ୍ଚାକୁ ଆସିଥାଏ । ସେହିପରି ନିକଟରେ ଭାରତୀୟ ଜନତା ପାର୍ଟି ଓ କଂଗ୍ରେସ ଦଳ ତରଫରୁ ଜିଲ୍ଲା ସଭାପତି ନିଯୁକ୍ତିକୁ କେନ୍ଦ୍ର କରି ଉଦଳା ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଛି । ମୟୂରଭଂଜ (ପୂର୍ବ) ର ସଭାପତି ଭାବରେ ଭାରତୀୟ ଜନତାପାର୍ଟି ଓ କଂଗ୍ରେସ ତରଫରୁ ଯଥାକ୍ରମେ ନିହାର ରଂଜନ ମୋଦି ଓ ପୁର୍ଣ୍ଣଚନ୍ଦ୍ର ବିଶ୍ୱାଳ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏ ଦୁହେଁ ଯାକ ଉଦଳା ସହରର ବାସିନ୍ଦା ହୋଇଥିବାରୁ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ମୟୂରଭଂଜ (ପୂର୍ବ) ରାଜନୀତିର ରିମୋର୍ଟ ଉଦଳାରେ ରହିଛି ବୋଲି କୁହାଯାଉଛି । ଅତିତରେ ଏ ଦୁହେଁ ଯାକ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର କାଉନସିଲର ଭାବରେ ନିର୍ବାଚିତ ହୋଇ ବେଶ ଦକ୍ଷତାର ସହ ନିଜର ଦାୟିତ୍ୱ ତୁଲାଇଥିଲେ । ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଏ ଦୁଇ ନେତାଙ୍କୁ ନେଇ ବର୍ତ୍ତମାନ ବିଭିନ୍ନ ମହଲରେ ଆଲୋଚନା ହେଉଥିବାର ଖବର ଆମର ହସ୍ତଗତ ହୋଇଛି । ଉପଖଣ୍ଡ ବାସିନ୍ଦାଙ୍କ ଦାବି ଯଥା- ଉଦଳା ବିଜ୍ଞାପିତ ଅଂଚଳକୁ ମ୍ୟୁନସିପାଲଟି ଘୋଷଣା, କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ, ଜାତୀୟ ରାଜପଥ ଓ ରେଳପଥର ସଂଯୋଗ ସହିତ ଉଦଳା ମହାବିଦ୍ୟାଳୟକୁ ସ୍ୱୟଂଶାସିତ ଓ ଉଦଳା ଉଚ୍ଚ ବିଦ୍ୟାଳୟରୁ ଉଠିଯାଇଥିବା ଏନ୍.ସି.ସି. ୟୁନିଟକୁ ଫେରାଇ ଆଣିବା ପାଇଁ ଏ ଦୁଇ ନେତା ମିଳିମିଶି ଉଦ୍ୟମ କରିବେ ବୋଲି ଲୋକେ ଆଶା ବାନ୍ଧିଛନ୍ତି । ଉଦଳାକୁ ମିଳିଥିବା ଏଭଳି ସୁଯୋଗ ନିଶ୍ଚିତ ରୁପେ ଏ ଅଂଚଳର ବିକାଶକୁ ବହୁଗୁଣିତ କରିବ ବୋଲି ଅନେକ ମତ ଦେଇଛନ୍ତି । କପ୍ତିପଦା ଉପଖଣ୍ଡ ମଧ୍ୟରେ ବର୍ତ୍ତମାନ ବିଜୁ ଜନତାଦଳର ବହୁକର୍ମୀ ଦଳଛାଡ଼ି ଦେଉଥିବାରୁ ଏହାର ଶକ୍ତି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଏତିକିବେଳେ ଭାରତୀୟ ଜନତା ପାର୍ଟି ଓ କଂଗ୍ରେସ ଦଳ ବେଶ ଶକ୍ତିଶାଳି ହୋଇ ଉଠୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ପୁଣି ଏହି ସମୟରେ ଉଦଳାର ବାସିନ୍ଦା ଦୁଇଟିଯାକ ଦଳର ଜିଲ୍ଲା ସଭାପତି ହେବା ଆମପାଇଁ ଗର୍ବ ଓ ଗୌରବ ବିଷୟ ବୋଲି ଚର୍ଚ୍ଚା ହେଉଛି । ଏ ଦୁଇ ଟାଣୁଆ ନେତା ଆଗାମି ଦିନରେ କପ୍ତିପଦା ଉପଖଣ୍ଡର ସାମଗ୍ରିକ ବିକାଶ ପାଇଁ କିପ୍ରକାର ପଦକ୍ଷେପ ନେଉଛନ୍ତି ତାହା ଦେଖିବା ବାକି ରହିଛି । ମୟୂରଭଂଜ ଜିଲ୍ଲାକୁ ଭାଗକରିଦେବା ପାଇଁ ସରକାରୀ କଳ ଉଦ୍ୟମ ଚଳାଇଥିବା ବେଳେ, ଏହାର ସୁଯୋଗ ନେଇ କପ୍ତିପଦା ଉପଖଣ୍ଡକୁ ଏକ ସ୍ୱତନ୍ତ୍ର ଜିଲ୍ଲା କରାଯାଉ ବୋଲି ଏହିଦୁଇ ନେତା ଦାବି କରନ୍ତୁ ଅନେକ ମତ ରଖିଛନ୍ତି ।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida